# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ



**ରାଉରକେଲା,୧୪ା୧(ସମିସ):** ଯୁକ୍ତ ଦୁଇ ବର୍ଗର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଯୋଜନାରେ ପାନପୋଷସ୍ଥିତ ସରକାରୀ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ମୁଖ୍ୟ ପ୍ରଫେସର ଡ. ବିଜୟ କୁମାର ବେହେରା ଉଦ୍‌ଘାଟନ କରିଥିଲେ।

ଏହି କୌଶଳ ଶିକ୍ଷା ଗ୍ରହଣ କଲେ ଯେକୌଣସି ପରିସ୍ଥିତିରେ ବାଳିକାମାନେ ନିଜକୁ ରକ୍ଷା କରିପାରିବା ସହ ଏହି କୌଶଳ ମାଧ୍ୟମରେ ଛାତ୍ରୀମାନଙ୍କୁ ସଶକ୍ତ କରାଯାଉଛି। ସେମାନଙ୍କ ଉପରେ ହେଉଥିବା ଶାରୀରିକ ଆକ୍ରମଣକୁ ସେମାନେ ପ୍ରତିହତ କରିବା ସହ ନିଜକୁ ସୁରକ୍ଷିତ ରଖିପାରିବେ। ଏହା ସହିତ ବାଳିକାମାନେ ନିଜକୁ ବିଭିନ୍ନ ସମୟରେ ସୁରକ୍ଷିତ ରଖିବା ପାଇଁ ନିଜ ମଧ୍ୟରେ ମାନସିକଭାବେ ଦୃଢ଼ ହୋଇପାରିବେ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପିକା ମମତା ବାକ୍ସଲା ଏବଂ ସହ ସଂଯୋଜିକା ଅଧ୍ୟାପିକା ନମିତା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆସନ୍ତା ୧୫ଟି କାର୍ଯ୍ୟଦିବସ ପାଇଁ ଚାଲିବାକୁ ଥିବା ଏହି ଶିବିର ମାଧ୍ୟମରେ ଯୁକ୍ତ ଦୁଇ ବର୍ଗର ଛାତ୍ରୀମାନେ ଲାଭାନ୍ୱିତ ହେବେ ବୋଲି ପ୍ରଫେସର ଡ. ବେହେରା ଆଶାବ୍ୟକ୍ତ କରିଛନ୍ତି। ଶିବିରର ପ୍ରଥମ ଦିନରେ ୧୦୩ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ ଓସେପା ପକ୍ଷରୁ ନିଯୁକ୍ତ ପ୍ରଶିକ୍ଷିକା ଦୁଲାଣି ମୁଣ୍ଡାରି ଓ ମହିମା ସୁନ୍ଦରୀ ମଲ୍ଲିକ ଶିବିର ପରିଚାଳନା କରୁଛନ୍ତି।

# ୬୦ କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ନୂଆଗାଁ ଓ ବିଶ୍ରା ଅଞ୍ଚଳବାସୀ





**ରାଉରକେଲା,୧୪ା୧(ସମିସ):**

ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ଅଧୀନ ନୂଆଗାଁ ଓ ବିଶ୍ରା ବ୍ଲକରେ ଗମନାଗମନର ଅଭୂତପୂର୍ବ ବିକାଶ କ୍ଷେତ୍ରରେ ୬୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ହୋଇଛି। ଏ ନେଇ ନୂଆଗାଁ ଓ ବିଶ୍ରା ବ୍ଲକର ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ପ୍ରଶାସନିକ ବିବାଦ ଯୋଗୁଁ ଏହି ଦୁଇ ବ୍ଲକର ବହୁପ୍ରତୀକ୍ଷିତ ଖୁଣ୍ଟାଗାଁଠାରୁ ମିଟକୁନ୍ଦରୀ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ଧରି ମରାମତି ହୋଇ ନ ପାରି ପଡ଼ିରହିଥିଲା। ଫଳରେ ଅଞ୍ଚଳବାସୀ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କ ଏହି ସମସ୍ୟାକୁ ହୃଦ୍‌ବୋଧ କରି ରାସ୍ତାର ମରାମତି ତଥା ପ୍ରଶସ୍ତୀକରଣ ନିମନ୍ତେ ଅର୍ଥ ମଞ୍ଜୁର କରିଛନ୍ତି। ଏହି କ୍ରମରେ ଖୁଣ୍ଟାଗାଁଠାରୁ ମିଟକୁନ୍ଦରୀ ପର୍ଯ୍ୟନ୍ତ ୧୫.୯୩ କୋଟି ଟଙ୍କାର ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବଂ ଖୁଣ୍ଟାଗାଁଠାରୁ ନୂଆଗାଁ ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ରାସ୍ତାକୁ ପିଡବ୍ଲ୍ୟୁଡିକୁ ହସ୍ତାନ୍ତର କରାଯିବା ସହ ୧୮.୯୭ କୋଟି ଟଙ୍କା ବ୍ୟୟରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି।

ସେହିପରି ବିଶ୍ରା ବ୍ଲକ ଝିରପାଣି ସାଇନିଂ କ୍ଲବ୍‌ଠାରୁ ବନ୍ଧମୁଣ୍ଡା ରାସ୍ତା ଭାୟା ଶାରଳା ଛକ ଓ ସିଡବ୍ଲ୍ୟୁଏସ ହସ୍ପିଟାଲ ପର୍ଯ୍ୟନ୍ତ ୨୩.୫୭ କୋଟି ଏବଂ ସେକ୍ଟର-୨ ବିଜୁ ପଟ୍ଟନାୟକ ବସଷ୍ଟାଣ୍ଡ ଛକଠାରୁ ସିଡବ୍ଲ୍ୟୁଏସ ହସ୍ପିଟାଲ ପର୍ଯ୍ୟନ୍ତ ୨.୪୬ କୋଟି ଟଙ୍କାରେ ରାସ୍ତାର ଉନ୍ନତି ଓ ପ୍ରଶସ୍ତୀକରଣ ନିମନ୍ତେ ବ୍ୟୟଅଟକଳ କରାଯାଇଛି। ରବିବାର ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ନଡ଼ିଆ ଭାଙ୍ଗି ଏହି ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ, ନୂଆଗାଁ ବ୍ଲକକୁ ଝିରପାଣି ପୋଲ ଦେଇ ପ୍ରତିଦିନ ଶହ ଶହ ଗାଡ଼ି ଯାତାୟାତ କରିଥାଏ। ଅଣଓସାରିଆ ରାସ୍ତା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟିଥାଏ। ଏହି ରାସ୍ତା ପୂର୍ବରୁ ସାଢ଼େ ତିନି ମିଟର ଚଉଡ଼ା ବିଶିଷ୍ଟ ଥିବାବେଳେ ଏବେ ଉଭୟ ବାମ ଓ ଡାହାଣ ପାର୍ଶ୍ୱକୁ ଗୋଟିଏ ମିଟର ଲେଖାଏଁ ବୃଦ୍ଧି କରି ଏହାର ଚଉଡ଼ା ସାଢ଼େ ପାଞ୍ଚ ମିଟର କରାଯିବାକୁ ସ୍ଥିର କରାଯାଇଛି। ଯଦ୍ୱାରା ନୂଆଗାଁ, ବିଶ୍ରା ବ୍ଲକର ଜନସାଧାରଣ ବେଶ୍ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।

ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବୀରମିତ୍ରପୁରର ବିଧାୟକ ଶଙ୍କର ଓରାମ, ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋଜ ମହାନନ୍ଦ, ରାଉରକେଲା ସାଂଗଠନିକ ଜିଲ୍ଲା ବିଜେଡି ସଭାପତି ହାଲୁ ମୁଣ୍ଡାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ବିଜେଡି ବ୍ଲକ ସଭାପତି ଦିଗମ୍ବର ଦାସ, ରାଜ୍ୟ ଯୁଗ୍ମ ସମ୍ପାଦକ ହିମାଂଶୁ ପଣ୍ଡା, ଛାତ୍ର ସଭାପତି ମହେନ୍ଦ୍ର ବଡ଼ାଇକ, ଖୁଣ୍ଟାଗାଁ ସରପଞ୍ଚ ସୁମିତ୍ରା ଓରାମ, ସମିତି ସଭ୍ୟା ତଥା ମହିଳା ସଭାନେତ୍ରୀ ଏମ୍ମା ଏକ୍କା, ସମ୍ବଲପୁର ଜୋନ କାର୍ଯ୍ୟକାରୀ ସଭାପତି ସନ୍ଧ୍ୟାରାଣୀ ଲାକ୍ରା, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତି ଟେଟେ, ବ୍ଲକ ଉପାଧ୍ୟକ୍ଷ ଇଦ୍ରୁସ କୁଲାଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ସଂଯୋଗୀକରଣ ରାସ୍ତା ନିର୍ମାଣ ନିମ୍ନମାନର



**ଲହୁଣୀପଡ଼ା,୧୪ା୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ବାଇପାସ ଛକଠାରୁ ଭାସ୍କର ପ୍ଲାଣ୍ଟ ଏବଂ ଲହୁଣୀପଡ଼ା ରାଜ୍ୟ ରାଜପଥ ୧୦ (କ) ର ସଂଯୋଗୀକରଣ ରାସ୍ତା ପର୍ଯ୍ୟନ୍ତ ରାସ୍ତା ଉପରେ ପିଚୁ କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ନ ସରୁଣୁ କେତେକ ସ୍ଥାନରେ ପିଚୁ ଉଠିଯାଇଛି। ପରେ ପ୍ରାଇମର ସ୍ପ୍ରେ କରି ତା ଉପରେ ଡଷ୍ଟ ପକାଇ କାମ ଚଳାଉଥିବା ଦେଖିବାକୁ ମିଳିଛି। ସେପଟେ କୌଣସି ସ୍ଥାନରେ ସୂଚନାଫଳକ ନ ଥିବାରୁ କେତେ ଟଙ୍କାର କାମ ତାହା ମଧ୍ୟ ଜଣାପଡୁନାହିଁ। ତୁରନ୍ତ ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ଶ୍ରୀରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ସମସ୍ତ ମନ୍ଦିରରେ ସ୍ୱଚ୍ଛତା ଅଭିଯାନ



**ରାଜଗାଙ୍ଗପୁର,୧୪ା୧(ସମିସ):** ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମିରେ ଶ୍ରୀ ରାମ ଲଲାଙ୍କ ଭବ୍ୟ ଓ ଦିବ୍ୟ ମନ୍ଦିର ତଥା ପ୍ରତିମାର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଦେଶର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତ୍ୟେକ ଛୋଟ ବଡ଼ ମନ୍ଦିର ଓ ମଠଗୁଡ଼ିକରେ ଜାନୁଆରୀ ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ପ୍ରଥମ ପର୍ଯ୍ୟାୟରେ ଲିପଲୋଇସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ହୋଇଛି। ସ୍ୱଚ୍ଛ ଭାରତ (ପ୍ରକୋଷ୍ଠ) ଓଡ଼ିଶା ପ୍ରଦେଶ ପଶ୍ଚିମ ଓଡ଼ିଶା ସଂଗଠନ ପ୍ରଭାରୀ ତଥା ବରିଷ୍ଠ ନେତା ସୁରେନ୍ଦ୍ର ସ୍ୱର୍ଣ୍ଣକରଙ୍କ ତତ୍ତ୍ୱାବଧାନ ଓ ଜିଲ୍ଲା ସ୍ୱଚ୍ଛ ଭାରତ ଅଭିଯାନ ସହସଂଯୋଜକ ସୁରେଶ ପୁରୋହିତଙ୍କ ନେତୃତ୍ୱରେ ବରିଷ୍ଠ ନେତା ମହେନ୍ଦ୍ର ମାଝୀ, ରାଜଗାଙ୍ଗପୁର ମଣ୍ଡଳ ସଭାପତି ରାଜନ ସୋନି, ମହିଳାମୋର୍ଚ୍ଚା ସଭାପତି ସୁଭଦ୍ରା ରାଉତ, ଉପେନ୍ଦ୍ର ପ୍ରଧାନ, କୁଲଦୀପ ସିଂ, ଅରବିନ୍ଦ ସାହୁ, ଶଙ୍କର ସିଂ, ରାହୁଲ ମିଞ୍ଜ, ମଧୁସ୍ମିତା ରାଉତ, ଦେବୁ ମିଶ୍ର, ରାଜୀବ ଭଦ୍ର, ବୁଧ ନାରାୟଣ ସାହୁ ଉପସ୍ଥିତ ରହି ଅଭିଯାନକୁ ସଫଳ କରିଥିଲେ। ଆଗାମୀ ଦିନରେ ରାଜଗାଙ୍ଗପୁରର ପ୍ରତ୍ୟେକ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ କରିବା ପାଇଁ ବିଜେପି ଟାଉନ ସଭାପତି ରାଜନ ସୋନି ମତ ପ୍ରକାଶ କରିଛନ୍ତି।

# ଅଗ୍ନିକାଣ୍ଡରେ ଜଳିଗଲା ଆସବାବପତ୍ର

**ରାଉରକେଲା,୧୪ା୧(ସମିସ):** ବନ୍ଧମୁଣ୍ଡା ଥାନା ବରକାନି ମୁଣ୍ଡାରୀ ବସ୍ତିରେ ଏକ ଘରେ ନିଆଁ ଲାଗି ଆସବାବପତ୍ର ଜଳିଯାଇଛି। ଉକ୍ତ ବସ୍ତିରେ ଲଳିତା ମାହାଲି ବାସ କରନ୍ତି। ରବିବାର ସେ ଘର କାମରେ ବ୍ୟସ୍ତ ଥିବା ବେଳେ ସକାଳ ପ୍ରାୟ ୯ଟାରେ ଘର ଭିତରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ଦେଖୁ ଦେଖୁ ନିଆଁ ବ୍ୟାପିବାରେ ଲାଗିଥିଲା। ଲଳିତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲଳିତାଙ୍କ ଘରର ବିଭିନ୍ନ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଛି।

## ଆର୍‌ଏସ୍‌ପି ପକ୍ଷରୁ 'ମକର ମହୋତ୍ସବ' ପାଳନ

# ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱାଦିଷ୍ଟ ଖାଦ୍ୟ ଓ ଗୁଡ଼ିଉଡ଼ାର ମଜାନେଲେ ସହରବାସୀ





**ରାଉରକେଲା,୧୪ା୧(ସମିସ)**





ଓଡ଼ିଶା ସମେତ ସାରା ଭାରତବର୍ଷର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଉଜ୍ଜୀବିତ ରଖିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖି ଆସିଥିବା ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ସ୍ଥାନୀୟ ସେକ୍ଟର-୧୩ ମେଳଣ ପଡ଼ିଆରେ ରବିବାର ପବିତ୍ର 'ମକର ମହୋତ୍ସବ' ଏକ ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ହୋଇଛି। ଏହି ବିଶାଳ ସାଂସ୍କୃତିକ ଉତ୍ସବରେ ସଙ୍ଗୀତ, ନୃତ୍ୟ, ଆନନ୍ଦଉଲ୍ଲାସ, ଉତ୍ସବ ଏବଂ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ହଜାର ହଜାର ରାଉରକେଲାବାସୀଙ୍କୁ ନେଇ ମେଳନ ପଡ଼ିଆ ଉତ୍ସବମୁଖରିତ ହୋଇଉଠିଥିଲା।

କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଆରଏସପି ଓ ବୋକାରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ଦୀପିକା ମହିଳା ସଂହତି ଅଧ୍ୟକ୍ଷା ସୀମାଦେବ ଭୌମିକ, ପ୍ରକଳ୍ପ ବିଭାଗ ଇଡି ପିକେ ସାହୁ, ସାମଗ୍ରୀ ପରିଚାଳନା ବିଭାଗ ଇଡି ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ଇଡି ଡା. ବିକେ ହୋତା, ଖଣି ବିଭାଗ ଇଡି ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ଇଡି ଏକେ ବେହୁରିଆ, ଦୀପିକା ମହିଳା ସଂହତି ଉପାଧ୍ୟକ୍ଷା ସମାପିକା ସାହୁ, ଡ. ସୁସ୍ମିତା ଦାସ ଏବଂ ନମ୍ରତା ବର୍ମା, ସହର ପ୍ରଶାସନ ଓ ସିଏସଆର ବିଭାଗ ସିଜିଏମ ପ୍ରତାପ କୁମାର ସ୍ୱାଇଁ, ଆରଏସପି ତଥା ଅନ୍ୟ କେନ୍ଦ୍ର ଓ ରାଜ୍ୟ ସରକାରର ବରିଷ୍ଠ ଅଧିକାରୀ, ରାଉରକେଲା ଚାମ୍ବର ଅଫ୍ କମର୍ସ ଏବଂ ଅନ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ।

ହଜାର ହଜାର ଦର୍ଶକ ସମେତ ସାଂସ୍କୃତିକ ସଂଗଠନ, ସାମାଜିକ ସଂଗଠନ, ଶିକ୍ଷାନୁଷ୍ଠାନ ଆଦି ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରବେଶପଥସ୍ଥିତ ମଣ୍ଡପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପ୍ରତିମା ମକର ଚୌରାସିଆ ବେଶରେ ସ୍ଥାପନ କରାଯାଇଥିଲା। ମକର ସଂକ୍ରାନ୍ତି ପର୍ବରେ ଓଡ଼ିଶାରେ ପ୍ରସ୍ତୁତ ପାରମ୍ପାରିକ ସୁସ୍ୱାଦୁ ମକରଚାଉଳ ବିତରଣ ଉତ୍ସବର ଅନ୍ୟ ବିଶେଷ ଆକର୍ଷଣ ଥିଲା। ଯୋଗଠାରୁ ଆରମ୍ଭ କରି ଶାସ୍ତ୍ରୀୟ, ଲୋକ ଏବଂ ଆଦିବାସୀ ନୃତ୍ୟ ପର୍ଯ୍ୟନ୍ତ, ଅସଂଖ୍ୟ ରଙ୍ଗୋଲି, ମେହେନ୍ଦୀ ଏବଂ ମୁଖଚିତ୍ର, ବିଭିନ୍ନ ପ୍ରକାରର ପ୍ରଦର୍ଶନୀ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। କାର୍ଯ୍ୟକ୍ରମରେ ପାରମ୍ପାରିକ ଖାଦ୍ୟ ସାମଗ୍ରୀ ଏବଂ ଅଗଣିତ ସୁସ୍ୱାଦୁ ବ୍ୟଞ୍ଜନର ଆକର୍ଷଣୀୟ ପ୍ରଦର୍ଶନ ବହୁ ସଂଖ୍ୟାରେ ଜନତାଙ୍କୁ ଆକର୍ଷିତ କରିବା ସହ ଉତ୍ସବ ପରିବେଶକୁ ଚଳଚଞ୍ଚଳ କରିଥିଲା। ସେହିପରି ବାଲୁକାକଳା ଏବଂ କବାଡ଼ି ମ୍ୟାଚ୍ ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା। କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା "ପତଙ୍ଗ ଉତ୍ସବ' ଯେଉଁଥିରେ ବହୁ ସଂଖ୍ୟାରେ ଆବାଳବୃଦ୍ଧ ବନିତା ଉତ୍ସାହର ସହ ଅଂଶଗ୍ରହଣ କରି ଗୁଡ଼ି ଉଡ଼ାଇବାର ମଜା ନେଇଥିଲେ। ଏତଦବ୍ୟତୀତ ଉଦୀୟମାନ ସଙ୍ଗୀତ ଗାୟକମାନେ କାରାଓକ ଟ୍ରାକରେ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ଥିମ୍ ସହ ସ୍ଥାନିତ ସେଲଫି ପଏଣ୍ଟଗୁଡ଼ିକ ମଧ୍ୟ ଲୋକପ୍ରିୟ ହୋଇଥିଲା ଯାହା ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକୁ ବାନ୍ଧି ରଖିବାକୁ ଆଗ୍ରହୀ ଅଂଶଗ୍ରହଣକାରୀଙ୍କୁ ସୁଯୋଗ ପ୍ରଦାନ କରିଥିଲା।

ମକର ସଂକ୍ରାନ୍ତି ପର୍ବ ସମଗ୍ର ଭାରତରେ ବିଭିନ୍ନ ପାରମ୍ପାରିକ ଉପାୟରେ ପାଳନ କରାଯାଉଥିବା ବେଳେ ବିଭିନ୍ନ ସାଂସ୍କୃତିକ ଉତ୍ସବକୁ ଏକ ମଞ୍ଚରେ ଏକାଠି କରି ବିବିଧତାରେ ଏକତାର ଭାବପ୍ରବଣତାରେ ରାଉରକେଲାବାସୀଙ୍କୁ ନିମଜ୍ଜିତ କରିବା ହିଁ ଏହି ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ବୋଲି ଆରଏସପି ଡିଆଇସି ଭୌମିକ କହିଛନ୍ତି। ଉଦଯାପନୀ ସମାରୋହରେ ଶ୍ରେଷ୍ଠ ଅଂଶଗ୍ରହଣକାରୀଙ୍କୁ ଆରଏସପି ଡିଆଇସି ଭୌମିକ, ଦୀପିକା ମହିଳା ସଂହତି ଅଧ୍ୟକ୍ଷା ସୀମାଦେବ ଭୌମିକ ଏବଂ ଅନ୍ୟ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।

# ବିଜେପି ସ୍ୱଚ୍ଛ ଭାରତ ଜିଲ୍ଲା କମିଟି ସଂଯୋଜକ ଓ ସହ ସଂଯୋଜକଙ୍କ ନାମ ଘୋଷଣା

**ରାଉଲକେଲା,୧୪ା୧(ସମିସ):** ବିଜେପି ପାନପୋଷ ସାଂଗଠନିକ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ସୁପାରିସ ଓ ରାଜ୍ୟ ସ୍ୱଚ୍ଛ ଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ପକ୍ଷରୁ ପାନପୋଷ ସାଂଗଠନିକ ଜିଲ୍ଲା ସ୍ୱଚ୍ଛ ଭାରତ କମିଟିର ୪ ଜଣିଆ ସଂଯୋଯୋକ ଓ ସହ ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି। କମିଟିରେ ଜିଲ୍ଲା ସଂଯୋଯୋକ ଭାବେ ଆଲୋକ ନାୟକ, ସହ ସଂଯୋଜକ ଭାବେ ରଣଧୀର ଲେଙ୍କା, ପ୍ରଦୀପ କୁମାର ପଣ୍ଡା ଓ ତାରକାନାଥ ମହାପାତ୍ର ସ୍ଥାନ ପାଇଛନ୍ତି। ଏହି କମିଟି ଜିଲ୍ଲାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ କରି ସମସ୍ତଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବାକୁ ପ୍ରୟାସ କରିବା ସହ କମିଟି ସଙ୍ଗଠନକୁ ସକ୍ରିୟ ଓ ଶକ୍ତିଶାଳୀ କରିବେ ବୋଲି ଜିଲ୍ଲା ସଭାନେତ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।






# କିଞ୍ଜିର୍ମା ଡିଗ୍ରୀ କଲେଜରେ ସାହିତ୍ୟ ପ୍ରତିଯୋଗିତା



**ସୁନ୍ଦରଗଡ଼, ୧୪।୧(ସମିସ):** କିଞ୍ଜିର୍ମାସ୍ଥିତ ଶାନ୍ତି ମେମୋରିଆଲ୍ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ନୂଆ-ଓ ଆନୁକୂଲ୍ୟରେ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ବିଶ୍ୱନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବଡ଼ଗାଁ କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପକ ହେମନ୍ତ ପଣ୍ଡା ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ସାହିତ୍ୟ ମଣିଷ ଜୀବନକୁ ସରସସୁନ୍ଦର କରିଥାଏ ଓ ନିଜକୁ ବେଶ୍ ପ୍ରତିଷ୍ଠିତ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନୋଡାଲ ଅଫିସର ଡା. ରଶ୍ମିତା ଦାଶ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ସାହୁ, ସୁବାସ ପଣ୍ଡା, ସଞ୍ଜୁକ୍ତା କଅଁର, ରାଜଶ୍ରୀ ପଟେଲ, ସୋନମ ନାୟକ, ମନୋଜ କୁମାର ନାଏକ, ସୁଜାତା ପଟେଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ, ସଂସ୍କୃତି, ଜଗନ୍ନାଥ ସଂସ୍କୃତି, ଭାଷା, ପ୍ରବନ୍ଧ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀମାନେ ଉକ୍ତ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁବାସ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଆସିଲାନି ୧୦୮ ଆମ୍ବୁଲାନ୍ସ; ଡାକ୍ତରଖାନା ନେବା ବାଟରେ ପ୍ରସବ

# ମୃତ୍ୟୁ ସହ ସଂଗ୍ରାମ କରୁଛି ନବଜାତ ଶିଶୁକନ୍ୟା

**ସୁନ୍ଦରଗଡ଼, ୧୪।୧(ସମିସ)**

ଗର୍ଭବତୀ ମହିଳାଙ୍କୁ ପ୍ରସବ ପାଇଁ ଡାକ୍ତରଖାନା ନେବାକୁ ୧୦୮ ଆମ୍ବୁଲାନ୍ସ ଆସିଲା ନାହିଁ। ପରିବାର ଲୋକେ ବାଧ୍ୟହୋଇ ଏକ କାରରେ ଡାକ୍ତରଖାନା ନେବା ବାଟରେ ମହିଳା ଜଣକ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ପରେ ସେମାନେ ମା' ଓ ନବଜାତ ଶିଶୁକୁ ତୁରନ୍ତ ଡାକ୍ତରଖାନା ନେଇଥିଲେ ହେଁ ଚିକିତ୍ସାରେ ବିଳମ୍ବ ଯୋଗୁଁ ଜନ୍ମର ୧୬ ଘଣ୍ଟା ପରେ ବି ଶିଶୁର ଚେତା ଆସି ନାହିଁ। ଏପରି ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଅବନକେଲା ଗ୍ରାମରେ।

ଦ୍ୱିତୀୟ ଗର୍ଭ ଧାରଣ କରିଥିବା ଅବନକେଲା ଗ୍ରାମର ଅନୀଲ ସେଟଙ୍କ ପତ୍ନୀ ନିରେଖା ପାଣ୍ଡେଙ୍କ ଶନିବାର ରାତିରେ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ଏ ନେଇ ସ୍ଥାନୀୟ ଆଶାକର୍ମୀଙ୍କୁ ଜଣାଇଥିଲେ। ପ୍ରସବ ପାଇଁ ନିରେଖାଙ୍କୁ ସୁନ୍ଦରଗଡ଼ ମାତୃଶିଶୁ ଚିକିତ୍ସାଳୟ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା। ମାତ୍ର ଆମ୍ବୁଲାନ୍ସ ଆସି ନ ଥିଲା। ଫଳରେ ପରିବାର ଲୋକେ ଏକ ବ୍ୟକ୍ତିଗତ କାରରେ ତାଙ୍କୁ ଚିକିତ୍ସାଳୟ ନେଉଥିଲେ। ମାତ୍ର ବାଟରେ କୁଣ୍ଡୁକେଲା ନିକଟରେ ନିରେଖା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ପ୍ରସବ ପରେ ନବଜାତ ଶିଶୁକନ୍ୟା ନ କାନ୍ଦିବାରୁ ପରିବାର ଲୋକେ ବିଚଳିତ ହୋଇ ଗାଡ଼ି ଚାଳକଙ୍କ ସହାୟତାରେ ମା' ଓ ନବଜାତକକୁ ୧୦ ମିନିଟ ମଧ୍ୟରେ ମାତୃଶିଶୁ ଚିକିତ୍ସାକେନ୍ଦ୍ରରେ ପହଞ୍ଚାଇଥିଲେ। କାର୍ଯ୍ୟରତ ଡାକ୍ତର ଶିଶୁକୁ ଆଇସିୟୁରେ ଭର୍ତ୍ତି କରିଥିଲେ ହେଁ ଶିଶୁର ଚିକିତ୍ସା ପାଇଁ ଶିଶୁରୋଗ ବିଶେଷଜ୍ଞ ଆସି ନ ଥିଲେ। ରବିବାର ପୂର୍ବାହ୍ନ ୧୧ଟାରେ ଜଣେ ଗଣମାଧ୍ୟମ ପ୍ରତିନିଧି ଘଟଣା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇବା ପରେ ଯାଇ ଶିଶୁରୋଗ ବିଶେଷଜ୍ଞ ଡା. ମନୋଜ ଆଚାର୍ଯ୍ୟ ଚିକିତ୍ସା ପାଇଁ ଯାଇଥିଲେ। ତେବେ ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଉକ୍ତ ଶିଶୁ କନ୍ୟାର ଚେତା ଆସି ନାହିଁ। ତା'ର ଅବସ୍ଥା ଉଦବେଗଜନକ ରହିଛି। ଶିଶୁକନ୍ୟାର ଜୀବନ ବଞ୍ଚାଇବା ପାଇଁ ଉଚ୍ଚ ମାନର ଚିକିତ୍ସା ବ୍ୟବସ୍ଥା କରାଯାଉନାହିଁ। ଏପରିକି ଶିଶୁଙ୍କୁ ଆମ୍ବୁଲାନ୍ସରେ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସୁବିଧା ଉପଲବ୍ଧ ନ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧରଣୀରଞ୍ଜନ ଶତପଥୀ କହିଛନ୍ତି।

# ପାରମ୍ପରିକ ଖାଦ୍ୟ, ନୃତ୍ୟ, ଗୀତ, ଲୋକକଳା ଓ ସଂସ୍କୃତିକୁ ପୁନର୍ଜୀବିତ କଲା ଖୁଏଲ ଯାତ୍ରା







**ସୁନ୍ଦରଗଡ଼, ୧୪।୧(ସମିସ)**

ହଜିଯାଇଥିବା ଓଡ଼ିଶାର ପାରମ୍ପରିକ ଜିନିଷପତ୍ର, ଖାଦ୍ୟ, ନୃତ୍ୟ, ଗୀତ, ଲୋକକଳା ଓ ସଂସ୍କୃତିକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ସାଂସ୍କୃତିକ ଉତ୍ସବ ଖୁଏଲ ଯାତ୍ରା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ରବିବାର ଛାତ୍ରଛାତ୍ରୀଙ୍କ



ଦ୍ୱାରା ଏହି ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପାରମ୍ପରିକ ନୃତ୍ୟ, ସଙ୍ଗୀତ, ବାଲୁକା କଳା, ଚାରୁକଳା, ପାରମ୍ପରିକ ଖାଦ୍ୟ, ଖେଳ, ପାରମ୍ପରିକ ଔଷଧ, ଓଷାବ୍ରତ, ଓଡ଼ିଶାର ବିଭିନ୍ନ ପୂଜାବିଧି ଆଦି ସମ୍ପର୍କିତ କଳା ପ୍ରଦର୍ଶିତ ହୋଇଥିଲା। ଏହା ଦ୍ୱାରା ଅତ୍ୟାଧୁନିକ ଯୁଗର ଛାତ୍ରଛାତ୍ରୀ ଓଡ଼ିଶାର ଐତିହ୍ୟ, ସଂସ୍କୃତି ସମ୍ପର୍କରେ ପ୍ରତ୍ୟକ୍ଷ ଭାବରେ ଜାଣିପାରୁଛନ୍ତି। ଏହି ଖୁଏଲ ଯାତ୍ରାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଉଦଘାଟନ କରିଥିଲେ। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିକ୍ରାନ୍ତ କୁମାର କିଣ୍ଡୋ, ପୁରାତନ ଛାତ୍ର ସଂସଦ ସଭାପତି ଡ. ଚିରବ୍ରତ ଦତ୍ତ, ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁମନ୍ତ ପଣ୍ଡା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବିଜେଡି ନେତା ହିମାଂଶୁ ଷଡ଼ଙ୍ଗୀ,



ଜୟନାରାୟଣ ତ୍ରିପାଠୀ, ସରୋଜ ପଟେଲ, ସନ୍ତୋଷ କୁମାର ଅମାତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ପୂର୍ବତନ ସହକାରୀ ପ୍ରଫେସର ଡ. କୁମୁଦିନୀ ରାଉତରାୟ ଏବଂ ଶୀତଳ କୁମାର ମହାପାତ୍ରଙ୍କୁ ଉକ୍ତ ଶିକ୍ଷାନୁଷ୍ଠାନ ପ୍ରତି ଅବଦାନ, ସାହିତ୍ୟ, ସଂସ୍କୃତି, କଳା ପ୍ରତି ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସହକାରୀ ପ୍ରଫେସର ଏଞ୍ଜେଲିନା କିଣ୍ଡୋ, ଅଜିତ କୁମାର ସାହୁ, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ସମ୍ବଲପୁରୀ ଏବଂ ଆଦିବାସୀ ନୃତ୍ୟ, ଲୋକ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲକ୍ଷ୍ମୀପୂଜା, ନୂଆଖାଇ ପର୍ବ, ପାଲା, ସଂକୀର୍ତ୍ତନ, ଝୋଟି, ରାଙ୍ଗୋଲି, ପାରମ୍ପରିକ ହସ୍ତଶିଳ୍ପ, ପାରମ୍ପରିକ କୃଷିଯନ୍ତ୍ର, ମାଛଧରା ଉପକରଣ, ଲୋକକ୍ରୀଡ଼ା ବାଟି, କେଳିବାଡ଼ି, ସାତଖପରି, ପାରମ୍ପରିକ ଲୋକବାଦ୍ୟ, ଖାଦ୍ୟ ଯଥା (ବଡ଼ି, କାକରା, ମଣ୍ଡା, ଆରିସା, ଲେଣ୍ଡୁଆ, ଶୁଖୁଆ, ଗିଲେଇ ଫୁଲ, ସଜନା ଗୁଣ୍ଡ, ଚକଡ଼ା ଗୁଣ୍ଡ), ଚିତ୍ରକଳା, ପରିବେଶ ସଚେତନତା, ଏନ୍‌ସିସି ଛାତ୍ରଛାତ୍ରୀଙ୍କ ଦ୍ୱାରା ପିରାମିଡ୍, ଆଞ୍ଚଳିକ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶଭୂଷା ଆଦି ପ୍ରଦର୍ଶନ ହୋଇଥିଲା।

DADLS-77

ଓଡ଼ିଶା ସରକାର



**ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ତା.୧୫.୦୧.୨୦୨୪ (ମକର ସଂକ୍ରାନ୍ତି)

ସକାଳ ଘ.୮.୩୦ ମିନିଟ - ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ଅପରାହ୍ନ - ୩ ଘଟିକା** — **ଜୟଦେବ ଭବନ**

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ

ଆୟୋଜକ – ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱର

**ସନ୍ଧ୍ୟା ଘ.୫.୩୦ମିନିଟ — ସାଧାରଣ ସଭା**

ସଭାପତି – **ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ**, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର**, ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ
ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ**, ମାନ୍ୟବର ବିଧାୟକ, ଭଣ୍ଡାରୀ ପୋଖରୀ
ସମ୍ମାନନୀୟା ଅତିଥି – **କସ୍ତୁରୀ ମହାପାତ୍ର**, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – **ଡ଼ଃ ସଂଘମିତ୍ରା ମିଶ୍ର**, ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକା
ପ୍ରାରମ୍ଭିକ ବକ୍ତବ୍ୟ – **ଡ଼ ବିରାଜ ମୋହନ ଦାସ**, ସାଧାରଣ ସମ୍ପାଦକ, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ଉପସଂହାର ବକ୍ତବ୍ୟ – **ଶ୍ରୀଯୁକ୍ତ ଜୀବନ ମହାପାତ୍ର**, ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ

ଇଟିକିଲି ମିଟିକିଲି ଅନୁଷ୍ଠାନ ତରଫରୁ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0250/2324

# ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସଚେତନତା




**କୁତ୍ରା, ୧୪।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ବିଦ୍ୟାଳୟରେ ଏନର୍ଜି କ୍ଲବ ଆନୁକୂଲ୍ୟରେ ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ତଥା ଏନର୍ଜି କ୍ଲବ ଇନଚାର୍ଜ ଅମରେଶ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଶକ୍ତି ସଂରକ୍ଷଣ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ତୁନମୁରା ଗ୍ରାମ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣର ଆବଶ୍ୟକତା ଉପରେ ସଚେତନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀକାନ୍ତ ବାଗ ଓ ତୁଷାର ରଞ୍ଜନ ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ, ରିଙ୍କୁ ଭୋଇ, ସୁମିତ୍ରା ବାର୍ଲା, କିରନ ଏକ୍କା, ରାମେଶ୍ୱର ଲାକ୍ରା, ଉମାଶଙ୍କର ମଲ୍ଲିକ, ମନଭାଙ୍ଗି ନାଏକ, ଦ୍ରୌପଦୀ ସାହୁ, ଅଞ୍ଜଳି ତିଗ୍ଗା, ରୋମାଞ୍ଚ ତାଣ୍ଡିଆ, ଜର୍ଜ ବରୁଆ ପ୍ରମୁଖ ସହଯୋଗ କରିଥିଲେ।

# ଧର୍ମପରାୟଣାଙ୍କ ପରଲୋକ



**ସୁନ୍ଦରଗଡ଼, ୧୪।୧(ସମିସ):** ବାଲିଜୁରି ଗ୍ରାମର ସ୍ୱର୍ଗତ ଲବଣୀଧର ପଟେଲଙ୍କ ଧର୍ମପତ୍ନୀ ଶକୁନ୍ତଳା ପଟେଲଙ୍କ ୯୨ ବର୍ଷ ବୟସରେ ରବିବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା ଏବଂ ମେଳାପୀ ମହିଳା ଥିଲେ। ତାଙ୍କ ବିୟୋଗରେ ବାଲିଜୁରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ସୁରେଶ, ରମେଶ, ସୁନୀଲ, ଝିଅ ସବିତାଙ୍କ ସମେତ ସମସ୍ତ ବୋହୂ ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।





# ଜୟ ଜଗନ୍ନାଥ

{ ନୀଳାଦ୍ରିନାଥଂ ଜଗତାମଧୀଶଂ/ଚିଦଂଶରୂପଂ ଶରଣୈକନାଥମ୍ ।
ଶ୍ରୀନୀଳଗୋତ୍ରାଧିପତିଂ ବରେଣ୍ୟଂ/ସୁରେନ୍ଦ୍ରବନ୍ଦ୍ୟଂ ପ୍ରଣତୋଽସ୍ମି ନିତ୍ୟମ୍ ।।
(ପ୍ରଥମ ଅଧ୍ୟାୟ, ପ୍ରଥମ ଶ୍ଳୋକ, ବାମଦେବସଂହିତା) }









### ଶ୍ରୀଶ୍ରୀ ଜଗନ୍ନାଥାୟ ନମଃ

# ଅପରୂପ ଶଙ୍ଖକ୍ଷେତ୍ର

ଦିନ ଦିଇଟା ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ । ପୌଷ ଶୁକ୍ଳ ସପ୍ତମୀ ତିଥିର ଦିବ୍ୟ ମୁହୂର୍ତ୍ତରେ ଯଜ୍ଞରେ ପୂର୍ଣ୍ଣାହୂତି ସହ ଲୋକାର୍ପିତ ହେବ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ । ଏଥିପାଇଁ ଶ୍ରୀକ୍ଷେତ୍ରରେ ଏକାଠି ହେବେ ଦେଶ ବିଦେଶର ପ୍ରମୁଖ ଦେବ ପୀଠର ପୂଜକ ଓ ମୁଖ୍ୟ କର୍ମକର୍ତ୍ତା । ପୁଣି ଧର୍ମଗୁରୁ, ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ବି ଯୋଗଦେବେ । ବିଗତ ଦିନରେ ସବୁ ଧର୍ମ ଓ ମତବାଦର ବ୍ୟକ୍ତିଙ୍କୁ ଆପଣାଇ ସମଗ୍ର ବିଶ୍ୱକୁ ସଂହତିର ବାର୍ତ୍ତା ଦେଇଥିବା ଶ୍ରୀଜଗନ୍ନାଥଙ୍କ ଧାମ ଏବେ ପୁଣିଥରେ ସମସ୍ତଙ୍କୁ ଆପଣାଇବା ଲାଗି ନିଜକୁ ପ୍ରସ୍ତୁତ କରିଛି । ପରିକ୍ରମା ଲୋକାର୍ପଣରେ ଯୋଗଦେବାକୁ ଆସୁଥିବା ଅତିଥିମାନଙ୍କ ଆତିଥେୟତାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ସଜେଇ ହେଉଛି ଶଙ୍ଖକ୍ଷେତ୍ର । ଏହି ସାଜସଜ୍ଜା ଭିତରେ ସହରର ବିଭିନ୍ନ ପ୍ରମୁଖ ଜାଗାର କାନ୍ଥ, ପ୍ରାଚୀରରେ ଅଙ୍କା ଯାଇଛି ଆକର୍ଷଣୀୟ ଚିତ୍ରକଳା । ଓଡ଼ିଆ ଶିଳ୍ପୀଙ୍କ କଳା, ଚାତୁର୍ଯ୍ୟ ଓ ସୂକ୍ଷ୍ମ କାରୁକାର୍ଯ୍ୟ ଫୁଟିଉଠୁଛି ପ୍ରତିଟି ଚିତ୍ରରେ । ସଞ୍ଜ ନଇଁଲେ ଝଲସୁଛି ପୁରୀ ସହର । ରଙ୍ଗୀନ ଆଲୋକମାଳାରେ ଝଲମଲ ହେଉଛି କୋଠା ଓ ଗଛ । ଆଲୋକ ଶିଖାରେ ଚାନ୍ଦୁଆର ଚମକ ବାସ୍ତବିକ ନିଆରା ଲାଗୁଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଯୋଗଦେବାକୁ ଆସୁଥିବା ଅତିଥି ଏବଂ ଲକ୍ଷାଧିକ ଭକ୍ତଙ୍କୁ ଭବ୍ୟ ସ୍ୱାଗତ ପାଇଁ ନିଆରା ଅନୁଭବ ଭେଟିଦେବାକୁ ପ୍ରୟାସ କରିଛନ୍ତି ରାଜ୍ୟ ସରକାର । ବଡଦାଣ୍ଡ ଉଭୟ ପାର୍ଶ୍ୱ କୋଠାଗୁଡ଼ିକୁ ଫିକା ଗୋଲାପି ରଙ୍ଗରେ ରଙ୍ଗାୟିତ କରାଯାଇଥିବା ବେଳେ ଶିଳ୍ପୀଙ୍କ ରଙ୍ଗତୂଳୀର ସ୍ପର୍ଶରେ କାନ୍ଥ, ପ୍ରାଚୀର ବଖାଣୁଛି ଉତ୍କଳୀୟ କଳା, ସଂସ୍କୃତିର ଗାଥା ।

## ଆକର୍ଷଣୀୟ ଜଗନ୍ନାଥବଲ୍ଲଭ

ସବୁଠୁ ଆକର୍ଷଣୀୟ ଭାବେ ସଜେଇ ହେଉଛି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ପରିସର । ଶ୍ରୀସେତୁ ଦେଇ ଅତିଥିମାନେ ଜଗନ୍ନାଥବଲ୍ଲଭରେ ପହଞ୍ଚିବେ । ତେଣୁ ଏହା ପରିବେଶକୁ ଆଧ୍ୟାତ୍ମିକ ମୟ କରାଯାଉଛି । ଏବେ ଜଗନ୍ନାଥମୟ ହୋଇପଡ଼ିଛି ଜଗନ୍ନାଥ ବଲ୍ଲଭ । ମଠ ପରିସରରେ ତିଆରି ହୋଇଛି ଜଗନ୍ନାଥ ବଲ୍ଲଭ ପିଲଗ୍ରୀମ ସେଣ୍ଟର । ଏହାର ନାମରେ ବି ଜଗନ୍ନାଥଙ୍କ ନାମ ଯୋଡି ହୋଇରହିଛି । ସେହିପରି ଏଠାରେ ପୂର୍ବରୁ ଚାଲିଥିବା ଚାରିଚକିଆ ପାର୍କିଂସ୍ଥଳର ନାମ ଜଗନ୍ନାଥ ବଲ୍ଲଭ ପାର୍କିଂସ୍ଥଳ, ଯାହାକି ଏବେ ବି ଲୋକଙ୍କ ସେବାରେ ଲାଗିଛି । ସେହିପରି ଜଗନ୍ନାଥମୟର ଆଉ ଏକ ଅଂଶ ହେଉଛି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଏହା ପରିସରରେ ଜଗନ୍ନାଥଙ୍କ ୨୫ ବେଶ ପ୍ରଦର୍ଶନ କରାଯିବ । କାରିଗର ବେଶଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରିସାରିଥିବା ବେଳେ କେବଳ ସଜାଇ ରଖାଯିବ । ଅବକାଶ ବେଶ (ତଡପ ଉତ୍ତରି ବେଶ), ଜାମାଲାଗି ବେଶ, ନବାଙ୍କ ବେଶ, ସାଧା ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀନାରାୟଣ ବେଶ (ଠିଆକିଆ), ବାଙ୍କଚୂଡ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଘୋଡଲାଗି ବେଶ, ପଦ୍ମମୁଖ ବେଶ, ଗଜଉଦ୍ଧାରଣ ବେଶ, ଚାଚେଡି ବେଶ, ବଡସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ସୁନାବେଶ), ବନଭୋଜୀ ବେଶ, କାଳୀୟଦଳନ ବେଶ, ପ୍ରଲମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ (ଆଡକିଆ ବେଶ), ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି ବେଶ ପ୍ରଦର୍ଶନ କରାଯିବ ।

## ଭକ୍ତ ଜାଣିବେ ଅଜଣା ତଥ୍ୟ

ସେହିପରି ଜଗନ୍ନାଥ ମହାପ୍ରଭୁଙ୍କର ତିନିରଥ (ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ) ବି ଜଗନ୍ନାଥ ବଲ୍ଲଭ ପରିସରରେ ଦେଖିପାରିବେ ଅଗଣତି ଶ୍ରଦ୍ଧାଳୁ । ଏହି ରଥ ତିନୋଟିର ମଡେଲ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ସରିଛି । ଏଥିରେ ରଥର ପ୍ରତ୍ୟେକ ଅଂଶର ତଥ୍ୟାବଳି ପ୍ରଦାନ କରାଯିବ । ଫଳରେ ଭକ୍ତମାନେ ରଥ ବିଷୟରେ ପ୍ରତ୍ୟକ୍ଷ ତଥ୍ୟ ପାଇବାର ସୁଯୋଗ ପାଇବେ । କେବଳ ବେଶ କି ତିନିରଥ ନୁହେଁ, ମହାପ୍ରଭୁଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ (ଯାହା ଏବେ ବ୍ୟବହାର କରାଯାଉ ନାହିଁ) ମଧ୍ୟ ପ୍ରଦର୍ଶିତ ହେବ । ଏଥିପାଇଁ ସ୍ୱତନ୍ତ୍ର ଭାବେ ଶେଡ୍ ପ୍ରସ୍ତୁତ କରାଯାଇଥିବା ବେଳେ ସାମଗ୍ରୀଗୁଡ଼ିକୁ ଆଣି ପ୍ରଦର୍ଶନୀ କରାଯିବ । ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତି ବାସ୍ତବିକ ସବୁଠୁ ନିଆରା । ଏହାର ରହସ୍ୟ ଏବେ ବି ଅନେକଙ୍କ ପାଇଁ ଅଜଣା । ତେବେ ଏହି ମହାପ୍ରସାଦ ପ୍ରସ୍ତୁତ କରାଯାଉଥିବା ହାଣ୍ଡି, କୁଡୁଆ ବିଷୟରେ ମଧ୍ୟ ସୂଚନା ପାଇବେ ଶ୍ରଦ୍ଧାଳୁ । ରୋଷଶାଳାରେ ବ୍ୟବହୃତ ହାଣ୍ଡି, କୁଡୁଆର ଫଟୋଚିତ୍ର ସହ ତଥ୍ୟାବଳୀ ପ୍ରଦର୍ଶନ କରାଯିବ । କେଉଁ କୁଡୁଆର ନାଁ କ'ଣ, ସେହି ନାଁ କାହିଁକି ଦିଆଯାଇଛି, ହାଣ୍ଡିରେ କେତେ ପରିମାଣର ଭୋଗ ଦ୍ରବ୍ୟ ରନ୍ଧନ ହୋଇପାରିବ ସେ ସବୁ ତଥ୍ୟ ରହିବ । ଭାବରଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ । ଯୁଗେ ଯୁଗେ ଭକ୍ତ ପାଇଁ ଭଗବାନର ପ୍ରମାଣ ଦେଇଆସିଛନ୍ତି । ଯେଉଁଥିପାଇଁ ଅନେକ ଭକ୍ତ ଆଜି ଜନମାନସରେ ସ୍ମରଣୀୟ ହୋଇରହିଛନ୍ତି । ସେହି ଭକ୍ତମାନଙ୍କ ଲୀଳାର ସୁଦୃଶ୍ୟ ଚିତ୍ର ସହିତ କାହାଣୀ ବି ପ୍ରଦର୍ଶୀତ ହେବ । ଶ୍ରୀଜୟଦେବ, ବଳରାମ ଦାସ, ଶ୍ରୀଚୈତନ୍ୟ, ବନ୍ଧୁ ମହାନ୍ତି, ଦାସିଆ ବାଉରୀଙ୍କ କାହାଣୀ ସହିତ ୨୦୨୦ ଐତିହାସିକ ରଥଯାତ୍ରାର ଫଟୋଚିତ୍ର ବିବରଣୀ ମଧ୍ୟ ପ୍ରଦର୍ଶୀତ କରାଯିବ । ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କର ପାରମ୍ପରିକ ଜିନିଷ ମଧ୍ୟ ଦେଖିପାରିବେ ଶ୍ରଦ୍ଧାଳୁ । ଏକା ସମୟରେ ୫୦ ଲୋକ ବସି ଏହିସବୁ ଦୃଶ୍ୟ ଅବଲୋକନ କରିବାର ସୁବିଧା ମଧ୍ୟ ଉପଲବ୍ଧ ହେବ ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୨୦୨୧ ମସିହାରେ ଚିଠି ଲେଖିଥିଲେ । ଏଥିସହ ଗତ ମେ' ମାସରେ ପ୍ରଧାନମନ୍ତ୍ରୀଙ୍କୁ ଦିଲ୍ଲୀରେ ଭେଟି ଆଲୋଚନା କରିଥିଲେ । ଏନେଇ ଜମି ଚିହ୍ନଟ ଓ ଅଧିଗ୍ରହଣ କାମ ଆଗେଇ ଚାଲିଛି । ପ୍ରସ୍ତାବିତ ଏହି ବିମାନବନ୍ଦର ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ସହ ଓଡ଼ିଶାର ଭାଗ୍ୟ ବଦଳାଇପାରିବ । ମୁଖ୍ୟମନ୍ତ୍ରୀ ଉକ୍ତ ଚିଠିରେ ଦର୍ଶାଇଥିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୁରୀ ସମେତ ବିଶ୍ୱର ୧୯୨ଟି ଦେଶରେ ପାଳନ ହେଉଛି । ଜଗନ୍ନାଥ ସଂସ୍କୃତି ପ୍ରତି ବିଶ୍ୱବାସୀଙ୍କ କେତେ ଆକର୍ଷଣ ରହିଛି, ଏଥିରୁ ତାହା ସ୍ପଷ୍ଟ ଜଣାପଡୁଛି । ତେଣୁ ସମଗ୍ର ବିଶ୍ୱକୁ ଜଗନ୍ନାଥ ସଂସ୍କୃତିର ପ୍ରାଣକେନ୍ଦ୍ର ପୁରୀ ସହ ଯୋଡ଼ିବା ଅପରିହାର୍ଯ୍ୟ । କେବଳ ସେତିକି ନୁହେଁ, ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, ପରିବେଶ ପର୍ଯ୍ୟଟନ, ବୌଦ୍ଧ ଐତିହ୍ୟସ୍ଥଳ, ଉପକୂଳ ରାଜପଥ, ଦୁଇ ଦୁଇଟି ବନ୍ଦର ସଂଲଗ୍ନ କାରଣରୁ ପୁରୀର ଗୁରୁତ୍ୱ ଯଥେଷ୍ଟ ବଢ଼ିଯାଇଛି । ପୁରୀ ହିନ୍ଦୁମାନଙ୍କର ପବିତ୍ର ଚାରିଧାମ ମଧ୍ୟରୁ ଅନ୍ୟତମ । ସାରା ବିଶ୍ୱର କୋଣଅନୁକୋଣରୁ ଯାତ୍ରୀମାନେ ଏଠାକୁ ପ୍ରତ୍ୟହ ଆସିଥାନ୍ତି । ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମସ୍ତଙ୍କର ଆକର୍ଷଣର କେନ୍ଦ୍ର । ଦେଶ ବିଦେଶରୁ ଯାତ୍ରୀମାନେ ଆସି ରଥଯାତ୍ରା ପାଇଁ ପୁରୀରେ ସମବେତ ହୋଇଥାନ୍ତି । ତେଣୁ ପୁରୀରେ ଆନ୍ତର୍ଜାତିକ ବିମାନବନ୍ଦର ସ୍ଥାପନ କରାଗଲେ, ବିଦେଶରୁ ଯାତ୍ରୀମାନେ ସୁବିଧାରେ ପହଞ୍ଚିପାରିବେ ଏବଂ ଏହାସହ ପୂରା ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ଘଟିବ ।

## ଶ୍ରୀକ୍ଷେତ୍ର ସହ ଯୋଡ଼ିହେବ ସାରା ବିଶ୍ୱ

### ସଂସ୍କୃତି, ପର୍ଯ୍ୟଟନ ଓ ଅର୍ଥନୀତିରେ ହେବ ଦ୍ରୁତ ବିକାଶ

ଜଗନ୍ନାଥଧାମ ବା ଶ୍ରୀକ୍ଷେତ୍ର ସହ ଯୋଡ଼ି ହେବ ସାରା ଜଗତ । ସମଗ୍ର ବିଶ୍ୱକୁ ଜଗନ୍ନାଥ ସଂସ୍କୃତିର ହେବ ସଂପ୍ରସାରଣ । ଦେଶବିଦେଶରୁ ପର୍ଯ୍ୟଟକ ସିଧାସଳଖ ପୁରୀ ଆସିବେ । ଓଡ଼ିଶାର ସଂସ୍କୃତି, ପର୍ଯ୍ୟଟନ ଓ ଅର୍ଥନୀତିରେ ଦ୍ରୁତ ବିକାଶ ହେବ । ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରାଇବାକୁ ପୁରୀରେ ହେବାକୁ ଯାଉଛି 'ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର' । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ୨୦୨୧ ମସିହାରୁ ଏହି ପ୍ରକଳ୍ପର କାମ ଆରମ୍ଭ ହୋଇ ଆଗେଇ ଚାଲିଛି । ଆଉ କିଛି ବର୍ଷ ମଧ୍ୟରେ ଏହା ବାସ୍ତବ ରୂପ ନେବାକୁ ଯାଉଛି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସଂପ୍ରସାରଣର ସୁଯୋଗ ନାହିଁ । ଅନ୍ୟପଟେ ଭୁବନେଶ୍ୱରରୁ ପୁରୀ ବଢ଼ି ଚାଲିଥିବା ଟ୍ରାଫିକ୍ ପର୍ଯ୍ୟଟକଙ୍କୁ ଅନେକ ସମୟରେ ସମସ୍ୟାରେ ପକାଉଛି ।

## ଲେଜର୍ ଶୋ'ରେ କାଞ୍ଚି ଅଭିଯାନ

ବଡ଼ଦାଣ୍ଡରେ ଶୁଭିବ ଘୋଡା ଟାପୁର ଶବ୍ଦ । କଳା, ଧଳା ଘୋଡା ଚଢି ଯୁଦ୍ଧ କରିବାକୁ ଯିବେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର । ପୁଣି ମାଣିକପାଟଣାରେ ମାଣିକ ଗଉଡୁଣୀଠୁ ଖାଇବେ ଦହି । ପଇସା ନ ଥିବାରୁ ଗଉଡୁଣୀକୁ ସୁନା ମୁଦି ଦେବେ ଠାକୁର । କାଞ୍ଚି ଅଭିଯାନର ଏହି ଭାବଭକ୍ତିର ଦୃଶ୍ୟକୁ ଅତି ପାଖରୁ ସାଉଣ୍ଟିବେ ଶ୍ରଦ୍ଧାଳୁ । ପରିକ୍ରମା ଲୋକାର୍ପଣ ଉତ୍ସବ ଅବସରରେ ବଡ଼ଦାଣ୍ଡସ୍ଥିତ ମାର୍କେଟ କମ୍ପ୍ଲେକ୍ସ କୋଠରେ କାଞ୍ଚି ଅଭିଯାନର କାହାଣୀ ଦୃଶ୍ୟମାନ ହେବ । ଲେଜର ଶୋ' ମାଧ୍ୟମରେ କାଞ୍ଚି ରାଜ୍ୟର ରୂପସୀ ରାଜଜେମା ପଦ୍ମାବତୀ ଏବଂ ସୂର୍ଯ୍ୟବଂଶୀ ରାଜା ଗଜପତି ପୁରୁଷୋତ୍ତମ ଦେବଙ୍କ ପ୍ରଣୟ କାହାଣୀ ପ୍ରତିଫଳିତ ହେବ ।

## ହରିବୋଲ ଓ ହୁଳହୁଳିରେ କମ୍ପୁଛି ଶ୍ରୀକ୍ଷେତ୍ର

ଜଗତର ନାଥ ଜଗନ୍ନାଥଙ୍କ ସନ୍ଧ୍ୟା ଆରତୀ ଚାଲିଛି । ସିଂହ ଦ୍ୱାର ସମ୍ମୁଖ ଭାଗରେ ଥାଇ ଭକ୍ତ ତା ଆରତୀରେ ଲୀନ ଅଛି । ନା ଜାତି ଅଛି ନା ଧର୍ମ ଅଛି । ଜଗାକୁ ଭକ୍ତ ଦେଖୁଛି । ଆଖିରୁ ଲୋତକ ଆସୁଛି । ପ୍ରଭୁ ଭିକ୍ଷା ଲାଗି ସେ ଜଗିଛି । ଏଭଳି ଏକ ବର୍ଣ୍ଣାଢ୍ୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀ ମନ୍ଦିର ବା ବଡଦେଉଳ ତୁଳସୀ ତୁଳସୀ ବାସୁଛି । ଛୋଟ ଛୁଆଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମୁଖରେ କେବଳ ଗୋଟିଏ ଶବ୍ଦ ଜଗନ୍ନାଥ ଜଗନ୍ନାଥ । ପୁରୀ ପରିକ୍ରମା ପ୍ରକଳ୍ପକୁ ଆଉ ୨ ଦିନ ଥିବାରୁ ସନ୍ଧ୍ୟା ସମୟରେ ସିଂହ ଦ୍ୱାର ଭକ୍ତିରେ ଗର୍ଜୁଛି । ଦିନକୁ ଦିନ ଅଧିକ ଭିଡ଼ ମଧ୍ୟ ପରିଲକ୍ଷିତ ହେଉଛି । ଆଜି ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି ବଡଦେଉଳ ଏହି ପୂର୍ବ ଦ୍ୱାରରେ ।


















## ଶ୍ରୀମନ୍ଦିର ବାହାରେ ରଘୁନାଥ ବେଶ

ମହାପ୍ରଭୁଙ୍କର ବିଭିନ୍ନ ବେଶ ମଧ୍ୟରେ ଦୁଇଟି (ନାଗାର୍ଜୁନ ଓ ରଘୁନାଥ) ବେଶ ଅତ୍ୟନ୍ତ ଦୁର୍ଲ୍ଲଭ ଏବଂ ମନୋମୁଗ୍ଧକର । ପରମ୍ପରା ମୁତାବକ ତିଥି ଅନୁସାରେ ଶ୍ରୀମନ୍ଦିରରେ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଆସୁଛି । କିନ୍ତୁ ମହାପ୍ରଭୁଙ୍କ ଅତ୍ୟନ୍ତ ଆକର୍ଷଣୀୟ ରଘୁନାଥ ବେଶ ହେଉନାହିଁ । ତଥ୍ୟ କହୁଛି ୧୧୮ ବର୍ଷ ହେବ ଶ୍ରୀମନ୍ଦିରରେ ବନ୍ଦ ରହିଛି ଏହି ବେଶ । ରତ୍ନସିଂହାସନରେ ଭକ୍ତମାନେ ଦାରୁବିଗ୍ରହଙ୍କ ଏହି ରମଣୀୟ ବେଶ ଦେଖିପାରୁ ନ ଥିବାବେଳେ ଏବେ ଦର୍ଶନର ସୁଯୋଗ ପାଇବେ । ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆଣିଦେଇଛି ଏହି ସୁଯୋଗ । କିନ୍ତୁ ରତ୍ନସିଂହାସନ ଉପରେ ନୁହେଁ, ବଡ଼ଦେଉଳ ବାହାରେ ଏହି ବିରଳ ରଘୁନାଥ ବେଶର ଅନୁଭୂତି ସାଉଣ୍ଟିବେ ଶ୍ରଦ୍ଧାଳୁ । ଜଗନ୍ନାଥ ବଲ୍ଲଭ ପରିସରରେ ପ୍ରଦର୍ଶିତ ହେବାକୁ ଥିବା ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ରଘୁନାଥ ବେଶ ସାମିଲ ଅଛି । ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କ ସୂଚନା ଅନୁଯାୟୀ, ମୋଟ ୯ଥର ରତ୍ନସିଂହାସନରେ ମହାପ୍ରଭୁ ରଘୁନାଥ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଶେଷଥର ପାଇଁ ୧୯୦୫ ମସିହା ଏପ୍ରିଲ ୨୬ ତାରିଖ ଗୁରୁବାର ଏହି ବେଶ କରାଯାଇଥିଲା । ଏହି ବେଶର ପ୍ରବର୍ତ୍ତକ ରାମାନନ୍ଦାଚାର୍ଯ୍ୟ ବୋଲି କୁହାଯାଏ । ତେବେ ରାମ ଜନ୍ମତିଥି ପୁଷ୍ୟା ନକ୍ଷତ୍ରଯୁକ୍ତ ହୋଇଥିଲେ ମହାପ୍ରଭୁଙ୍କର ଏହି ବେଶ ହୋଇଥାଏ । ସେହିପରି ପରମ୍ପରା ଅନୁଯାୟୀ ବୈଶାଖ ମାସର ଯେଉଁଦିନ ରାମଚନ୍ଦ୍ର ଦେବଙ୍କ ଅଭିଷେକ ଉତ୍ସବ ପଡ଼ିଥାଏ ସେହି ତିଥିରେ ଶ୍ରୀମନ୍ଦିରରେ ରଘୁନାଥ ବେଶ କରାଯାଏ । କିନ୍ତୁ ୧୯୦୫ ପରେ ଅନେକଥର ଏହି ତିଥି ଆସୁଥିଲେ ମଧ୍ୟ କେତେ ନିର୍ଦ୍ଦିଷ୍ଟ କାରଣ ଯୋଗୁ ଏହି ଦୁର୍ଲ୍ଲଭ ବେଶ ଅନୁଷ୍ଠିତ ହୋଇପାରୁ ନାହିଁ । ଏପରି କି ୧୯୬୫ରୁ ୧୯୮୦ ମସିହା ମଧ୍ୟରେ ଏହି ବେଶ କରାଯିବା ପାଇଁ ଶ୍ରୀମନ୍ଦିର ପ୍ରଶାସନିକସ୍ତରରେ ଉଦ୍ୟମ କରାଯାଇଥିଲେ ହେଁ ତାହା ସଫଳ ହୋଇପାରି ନ ଥିଲା । ଏହି ବେଶରେ ଶ୍ରୀଜଗନ୍ନାଥ ରାମ ରୂପରେ ହସ୍ତପଦ ଯୁକ୍ତ ହୋଇଥାନ୍ତି । ବାମ ପାଦ ସିଂହାସନ ଉପରେ ଓ ଦକ୍ଷିଣ ପାଦ ତଳକୁ ଲମ୍ବି ରହିଥାଏ । ଧନୁଶର ଧାରଣ ସହ ସିଂହାସନରେ ବୀରାସନରେ ବସିଥାନ୍ତି । ବଡଠାକୁର ବଳଭଦ୍ର ଲକ୍ଷ୍ମଣ ରୂପେ ଧନୁପାଦ ଛନ୍ଦରେ ଦଣ୍ଡାୟମାନ ହୋଇ ହସ୍ତପଦଯୁକ୍ତ ହୋଇଥାନ୍ତି । ଦୁଇ ହସ୍ତରେ ଜଗନ୍ନାଥଙ୍କ ମସ୍ତକକୁ ଲମ୍ବିଯାଇଥିବା ଛତ୍ରକୁ ଧରିଥାନ୍ତି । ସୁଭଦ୍ରା ବିଭିନ୍ନ ଆଭୂଷଣରେ ଶୋଭା ପାଇଥାନ୍ତି ।



## ପ୍ରସାରିତ ହେବ ପର୍ଯ୍ୟଟନ

ପୁରୀରୁ ମାତ୍ର ୩୫ କିଲୋମିଟର ଦୂରରେ ବିଶ୍ୱ ଐତିହ୍ୟସ୍ଥଳ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ରହିଛି । ପୁରୀ କୋଣାର୍କ ରାସ୍ତାରେ ରାମଚଣ୍ଡୀ, ଚନ୍ଦ୍ରଭାଗା ବେଳାଭୂମି, ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଏକ ଅନନ୍ୟ ଅନୁଭବ । ପୁରୀ ମଧ୍ୟ ଚିଲିକା ଏବଂ ଭିତରକନିକା ଜାତୀୟ ଉଦ୍ୟାନ ପରି ଦୁଇ ଦୁଇଟି ରାମସାର୍ ମାନ୍ୟତା ସ୍ଥଳ ସହ ସଂପୃକ୍ତ । ଏହି ଦୁଇଟି ସ୍ଥାନରେ ଆନ୍ତର୍ଜାତିକ ପରିବେଶ ପର୍ଯ୍ୟଟନ ପାଇଁ ଭରପୂର ସୁଯୋଗ ରହିଛି । ପର୍ଯ୍ୟଟକମାନଙ୍କୁ ପୁରୀ ବେଳାଭୂମିରେ ଏକ ଅନନ୍ୟ ଅନଭୂତି ଦେବା ପାଇଁ ବ୍ଲୁ ଫ୍ଲାଗ୍ ବିଚ୍ ଭାବେ ବିକଶିତ କରାଯାଇଛି । ସେହିପରି ଧଉଳି, ରତ୍ନଗିରି, ଉଦୟଗିରି ପରି ପ୍ରସିଦ୍ଧ ବୌଦ୍ଧ ଐତିହ୍ୟସ୍ଥଳ ମଧ୍ୟ ପୁରୀର ଅତି ନିକଟରେ ରହିଛି । ଏଠାକୁ ସାରା ବିଶ୍ୱରୁ ବୌଦ୍ଧ ପର୍ଯ୍ୟଟକମାନେ ଆସିଥାନ୍ତି । ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ପର୍ଯ୍ୟଟନ ତଥା ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ର ଭାବରେ ପୁରୀରେ ଥିବା ବିପୁଳ ସୁବିଧାର ଉପଯୋଗ ପାଇଁ ଏହି ବିମାନବନ୍ଦର ବିଶେଷ ସହାୟକ ହେବ । ଶ୍ରୀମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳର ସୌନ୍ଦର୍ଯ୍ୟୀକରଣ ଓ ଉନ୍ନତମାନର ଭିତ୍ତିଭୂମି ପୁରୀ ସହରକୁ ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳୁଛି ।

## ଆକର୍ଷଣ ସାଜିବ ପରିକ୍ରମା ପ୍ରକଳ୍ପ ମଡେଲ



ଶେଷ ହୋଇଛି ପରିକ୍ରମା ପ୍ରକଳ୍ପ କାମ । ଏଥିରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ଦିଆଯାଇଛି ନୂଆରୂପ । ବେଶ୍ ଆକର୍ଷଣୀୟ ଲାଗୁଛି ବଡ଼ଦେଉଳର ଚୌହଦୀ । ତେବେ ମନ୍ଦିର ଚାରିପାଖ ନ ବୁଲି ବି ଗୋଟିଏ ଜାଗାରେ ଛିଡା ହୋଇ ପରିକ୍ରମା ପ୍ରକଳ୍ପର ଅନୁଭବ ସାଉଣ୍ଟି ହେବ । ପ୍ରକଳ୍ପ ଭିତରେ କ'ଣ କାମ ହୋଇଛି ଏବଂ ଶ୍ରୀମନ୍ଦିର ତଳୁ ଉପର କେମିତି ସେ ସବୁକୁ ଅତି ପାଖରୁ ଦେଖିପାରିବେ ଭକ୍ତ । ଶୀମନ୍ଦିର ଏବଂ ପରିକ୍ରମା ପ୍ରକଳ୍ପର ଏକ ଅବିକଳ ନକଲ ପ୍ରସ୍ତୁତ ହୋଇଛି, ଯାହାକି ଲୋକାର୍ପଣ ଉତ୍ସବ ଅବସରରେ ଜଗନ୍ନାଥ ବଲ୍ଲଭ ପରିସରରେ ପ୍ରଦର୍ଶନ କରାଯିବ । ପ୍ରସ୍ତୁତି ସମୟରେ ଯେ କେହି ଏହାକୁ ଦେଖୁଛନ୍ତି ସମସ୍ତେ ଏଭଳି ନିଖୁଣ କାମକୁ ପ୍ରଶଂସା କରୁଛନ୍ତି । ଫାଇବରରେ ତିଆରି ହୋଇଛି ଏହି ସୁନ୍ଦର କଳାକୃତି । ଅବିକଳ ଶ୍ରୀମନ୍ଦିର । ମୁଖ୍ୟମନ୍ଦିର, ଜଗମୋହନ, ନାଟମଣ୍ଡପ ଏବଂ ଭୋଗମଣ୍ଡପ ଯେମିତି ଠିକ୍ ସେହିପରି ଏହି ମଡେଲ ପ୍ରସ୍ତୁତ କରାଯାଇଛି । କୁରୁମ ବେଢ଼ା ରହିଛି । ବେଢ଼ା ପରିସରରେ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର, କୋଇଲି ବୈକୁଣ୍ଠ, ଆନନ୍ଦ ବଜାର, ରୋଷଶାଳା ଇତ୍ୟାଦି ଅତି ନିଖୁଣ ଭାବେ କରାଯାଇଛି । ସେହିପରି ମେଘନାଦ ପାଚେରି ମଧ୍ୟ ଏଥିରେ ସ୍ଥାନୀତ ହୋଇଛି । ପ୍ରାୟ ୮ ଫୁଟ ଲମ୍ବ ଏବଂ ୭ ଫୁଟ ଓସାରରେ ଶ୍ରୀମନ୍ଦିର ଶୋଭାପାଉଥିବା ବେଳେ ଏହାବାଦ୍ ପରିକ୍ରମା ପ୍ରକଳ୍ପକୁ ମଧ୍ୟ ଏଥିରେ ଦର୍ଶାଯାଇଛି । ମନ୍ଦିର ଚତୁଃପାର୍ଶ୍ୱରେ ଯେଉଁଭଳି କ୍ଲୋକରୁମ୍, ଶୌଚାଳୟ, ମଣ୍ଡପ ସହ ବଫରଜୋନ, ଅନ୍ତଃ ପ୍ରଦକ୍ଷିଣ, ବାହ୍ୟ ପ୍ରଦକ୍ଷିଣ ମାର୍ଗ ଏ ସବୁକୁ ବାସ୍ତବତାର ରୁପ ଦେବାକୁ ଚେଷ୍ଟା କରିଛନ୍ତି ଶିଳ୍ପୀ । ଗଡ଼ନ୍ତି ଛକରେ ଥିବା ବ୍ରିଟିଶ ଅମଳର ପାଣିଟାଙ୍କି ବି ଏହି ମଡେଲର ଶୋଭାବର୍ଦ୍ଧନ କରୁଛି । ପ୍ରକଳ୍ପ ଚାରିପାର୍ଶ୍ୱ କୋଠାବାଡ଼ିକୁ ବି ଏଥିରେ ସ୍ଥାନ ଦିଆଯିବ ବୋଲି ସୂଚନା ଦେଇଛନ୍ତି କାରିଗର । ଏହାକୁ ଜଗନ୍ନାଥବଲ୍ଲଭ ପରିସରରେ ପ୍ରଦର୍ଶନ କରାଯିବା ପାଇଁ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କେବଳ ଏହି ଗୋଟିଏ ନୁହେଁ, ଏହାଠୁ ସାମାନ୍ୟ ଛୋଟ ଆକୃତିର ଆହୁରି ପ୍ରାୟ ୧୦ଟି ମଡେଲ କରାଯାଇଛି । ଯାହାକି ଭୁବନେଶ୍ୱର ଷ୍ଟେଶନ, ବିମାନବନ୍ଦର, ବସ୍‌ଷ୍ଟାଣ୍ଡ ସମେତ ପ୍ରମୁଖ ସ୍ଥାନରେ ପ୍ରଦର୍ଶୀତ କରାଯିବ ।

### ୯ ଦିନ ପରେ ଖୋଲିଲା ଭିତରକନିକା

# ବୁଲିଲେ ୪ ବିଦେଶୀଙ୍କ ସହିତ ୧୪୫୧ ପର୍ଯ୍ୟଟକ



ରାଜନଗର, ୧୪।୧(ସମିସ): ଦୀର୍ଘ ୯ଦିନ ଧରି ଭିତରକନିକା ବନ୍ଦ ରହିଥିବା ବେଳେ ରବିବାର ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପ୍ରକୃତିରାଣୀ ଭିତରକନିକାକୁ ଉପଭୋଗ କରିବା ପାଇଁ ପ୍ରଥମ ଦିନରେ ପର୍ଯ୍ୟଟକଙ୍କ ନାହିଁନଥିବା ଭିଡ ଦେଖିବାକୁ ମିଳିଛି। ସୁଦୂର ନେଦରଲ୍ୟାଣ୍ଡରୁ ଆସିଥିବା ୪ ବିଦେଶୀ ପର୍ଯ୍ୟଟକଙ୍କ ସମେତ ୧୪୫୧ଜଣ ପର୍ଯ୍ୟଟକ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ କରିବା ସହିତ ପ୍ରକୃତିକୁ ଉପଭୋଗ କରିଛନ୍ତି। ଆଜି ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ ପାଇଁ ମୁଖ୍ୟ ଫାଟକ ଦେଇ ୫୩୫ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ୪୦୦ଜଣ ପର୍ଯ୍ୟଟକ ବନବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ୨୩ଟି ବୋଟରେ ନୌବିହାର କରିଥିବା ବେଳେ ଖୋଳା ଏଣ୍ଟ୍ରି ପଏଣ୍ଟ ଦେଇ ୬୪ଟି ବୋଟରେ ୫୮୮ଜଣ ପର୍ଯ୍ୟଟକ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୨ଟି ବୋଟରେ ୧୩୨ଜଣ ପର୍ଯ୍ୟଟକ ଏବଂ ଗୁପ୍ତି ଏଣ୍ଟି ପଏଣ୍ଟ ଦେଇ ୨୨ଟି ବୋଟରେ ୧୯୬ଜଣ ପର୍ଯ୍ୟଟକ ନୌକା ବିହାର କରିବା ସହ ପ୍ରକୃତିକୁ ଉପଭୋଗ କରିଥିଲେ। ପର୍ଯ୍ୟଟକମାନେ ବନ୍ୟଜନ୍ତୁ ଆକ୍ରମଣରେ ସହିଦ ହୋଇଥିବା ବନକର୍ମଚାରୀଙ୍କ ସହିଦ ସ୍ତମ୍ଭ, ବୋଟ ଲାଇବ୍ରେରୀ, ମ୍ୟୁଜିୟମରେ ଥିବା ଅଲିଭରିଡଲେ କଇଁଛ ଏବଂ ୨୩ ଫୁଟରୁ ଉର୍ଦ୍ଧ୍ୱ ଲମ୍ବର ବିରଳ ବଉଳା କୁମ୍ଭୀରର ସ୍କେଲିଟନ ସହିତ କେମିକାଲ ଦିଆଯାଇ କାଚଜାରରେ ସଂରକ୍ଷିତ କରି ରଖାଯାଇଥିବା ଭିତରକନିକାରେ ଦୃଶ୍ୟମାନ ହେଉଥିବା ବିଭିନ୍ନ ଜୀବଜନ୍ତୁ ଓ ସରୀସୃପଙ୍କୁ ଦେଖି ସେମାନଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏହାସହିତ ବିରଳ ହେନ୍ତାଳବଣ, ପଦ୍ମପୋଖରୀ, ଭିତରକନିକା ଗଛ ମାନଙ୍କରେ ରଙ୍ଗବେରଙ୍ଗ ପକ୍ଷୀ, ନଦୀର ଦୁଇପାର୍ଶ୍ୱରେ ଖରା ପୋଉଁଥିବା ବିରାଟକାୟ ବଉଳା କୁମ୍ଭୀର ସହିତ ଜାତୀୟ ଉଦ୍ୟାନର ଆବଦ୍ଧ ପୋଖରୀରେ ଶଙ୍ଖୁଆ କୁମ୍ଭୀର, ଗୋରୀ, ମଲ୍ଲି, ଶ୍ୱେତାକୁ ଦେଖି ପର୍ଯ୍ୟଟକ କ୍ଷଣକପାଇଁ ଆନମନା ହୋଇପଡ଼ିଥିଲେ।

ସୂଚନାଯୋଗ୍ୟ ଯେ ଚଳିତବର୍ଷ ଆଗନ୍ତୁକ ବିଦେଶାଗତ ପକ୍ଷୀ ଏବଂ ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ନଦୀ ନାଳ ମାନଙ୍କରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କର ଗଣନା ପାଇଁ ଚଳିତମାସ ୫ ତାରିଖରୁ ୧୩ ତାରିଖ ଯାଏଁ ପରିଭ୍ରମଣ ପାଇଁ ଭିତରକନିକାକୁ ବନ୍ଦ ରଖାଯାଇଥିଲା। ଚଳିତବର୍ଷ ଆଶାତୀତ ଭାବେ ବିଦେଶାଗତ ପକ୍ଷୀଙ୍କ ବୃଦ୍ଧି ସହିତ ବଉଳାକୁମ୍ଭୀରଙ୍କ ସଂଖ୍ୟାମଧ୍ୟବୃଦ୍ଧିପାଇଛି।ଯାହାଫଳରେ ପକ୍ଷୀପ୍ରେମୀ, ପରିବେଶବିତ୍, ଗବେଷକ ଏବଂ ଆଗନ୍ତୁକ ପର୍ଯ୍ୟଟକଙ୍କ ପାଇଁ ଖୁସିଖବର ଆଣିଦେଇଛି। ଚଳିତବର୍ଷ ଭିତରକନିକାରେ ୧୨୧ ପ୍ରଜାତିର ୧୧ ହଜାର ୪୬୨ ବିଦେଶୀ ପକ୍ଷୀ ଅଧିକ ଆସିଥିବା ବେଳେ ୧୮ଟି ବଉଳାକୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି।

## ବିଭିନ୍ନ ସ୍ଥାନରେ ଅର୍ପଣ ରଥ



ପାରାଦୀପ, ୧୪।୧(ସମିସ): ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ପାରାଦ୍ୱୀପ ପୌରପାଳିକା ତରଫରୁ ବନ୍ଦରନଗରୀର ବିଭିନ୍ନ ୱାର୍ଡରେ ଭବ୍ୟ ସ୍ୱାଗତ କରିଛନ୍ତି ବନ୍ଦର ଅନ୍ତେବାସୀ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସହିତ ପାରାଦୀପ ପୌରପାଳିକାର କର୍ମଚାରୀ ଏବଂ ସମର୍ଥକ ଶୋଭାଯାତ୍ରାରେ ସାମିଲ ହୋଇ ସମଗ୍ର ପାରାଦୀପ ପରିକ୍ରମା କରାଇଥିଲେ। ପାରାଦୀପର ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ସ୍ୱାଗତ ସହିତ ମହିଳା ଓ ପୁରୁଷମାନେ ଯେଉଁଭଳି ଭାବରେ ଧୂପ, ଦୀପ ସହିତ ସ୍ୱାଗତ କରୁଛନ୍ତି ଅଦିନିଆ ରଥଯାତ୍ରା ଭଳି ଦୃଶ୍ୟମାନ ହେଉଛି। ଯାହାକୁ ନେଇ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପାରାଦୀପ ବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

**ରଘୁନାଥପୁର**: ରଘୁନାଥପୁର ବ୍ଲକର ଶେଷ ଦିନରେ ଶ୍ରୀ ଜଗନ୍ନାଥ ପରିକ୍ରମା ଅର୍ପଣ ରଥ ଗୁଆଲିପୁର ଓ ରଘୁନାଥପୁର ପଞ୍ଚାୟତରେ ପରିକ୍ରମା କରି ଏହି କାର୍ଯ୍ୟକ୍ରମ ଶେଷ ହୋଇଛି। ଗୁଆଲିପୁରରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗଦେଇ



ଘର ଘର ବୁଲି ଶ୍ରୀ ଜଗନ୍ନାଥଙ୍କର ବେଢ଼ା ପରିକ୍ରମା ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ଏଥିରେ ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ୧ନଂ ଜୋନ୍‌ର ସଭ୍ୟା ରୀନାରାଣୀ ମଲ୍ଲିକ୍, ଜିଲ୍ଲାପରିଷଦ ୨ନଂ ଜୋନ୍‌ର ସଦସ୍ୟା ଇତିଶ୍ରୀ ମଲ୍ଲିକ୍, ସରପଞ୍ଚ ମନୋଜିନୀ ସାହୁ, ସମିତି ସଭ୍ୟ କମଳାକାନ୍ତ ପରିଡ଼ା, ବିଜେଡି ଯୁବନେତା ନିହାରରଞ୍ଜନ ସାହୁ, ବିଜେଡି ଯୁବନେତା ଅଭିମନ୍ୟୁ ସାହୁ, ବିଜେଡି ନେତା ପ୍ରକାଶ କୁମାର ମଲ୍ଲିକ୍, ରାଜେନ୍ଦ୍ର ସାହୁ, ମନୋରଞ୍ଜନ ମହାପାତ୍ର, ଅଭିନାଶ ପଟ୍ଟନାୟକ ପ୍ରମୁଖ ଘର ଘର ବୁଲି ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ବିଭିନ୍ନ ଛକରେ ଶିଶୁକଳାକାରମାନେ ଓଡ଼ିଶୀ ନୃତ୍ୟ, ଭଜନ ପରିବେଷଣ କରିଥିଲେ।

**ଡେରାବିଶ**: ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତରେ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ଏହି ରଥ ଚାନ୍ଦୋଳ ପଞ୍ଚାୟତର ଅନନ୍ତପୁର ଗ୍ରାମରୁ ପୂଜାର୍ଚ୍ଚନ କରାଯାଇ ପରିକ୍ରମାର ଶୁଭାରମ୍ଭ କରାଯାଇଥିଲା। ପରେ ଚାନ୍ଦୋଳ, ଖରିଦାସାହି, ରଙ୍କାତଳ, ତୋଟାସାହି ପ୍ରଭୃତି ଗ୍ରାମ ପରିକ୍ରମା କରିଥିଲା। ଏହି ପରିକ୍ରମା କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବିଡ଼ିଓ ଦାସରଥି ଜେନା, ଏବିଡ଼ିଓ ଭଞ୍ଜ କିଶୋର ନାୟକ, ସରପଞ୍ଚ ସୁରେନ୍ଦ୍ର କୁମାର ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଚିତ୍ତରଞ୍ଜନ ରାଉତ, ଜିଆରଏସ୍ ପୁଲିନ କୁମାର ମଣ୍ଡଳ, ଏମ୍‌ବିକେ ରଶ୍ମିପ୍ରଭା ପାତ୍ର, ଦେବରାଜ ମହାପାତ୍ର, ଯୋଗାନନ୍ଦ ମହାନ୍ତି, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**କୁଜଙ୍ଗ**: ଅର୍ପଣ ରଥ ପୋତାନଈ ପଞ୍ଚାୟତ ପରିକ୍ରମା କରିଛି। ରେପୁରୁ ପାଟଣା ଶିବ ମନ୍ଦିରରେ ପୂଜାର୍ଚ୍ଚନା ସହ ପଞ୍ଚାୟତର ସରପଞ୍ଚ ବ୍ରଜକିଶୋର ମହାରାଜ ଓ ଅନ୍ୟ ମୁରବୀ ମାନେ ଯୋଗଦେଇ କୋଟି ଓଡିଆର ମଉଡମଣି ତଥା ଭାବ ଓ ଭକ୍ତିର ମହାପ୍ରଭୁଙ୍କ ଏହି ଶୁଭ କାର୍ଯ୍ୟ ପାଇଁ ମଙ୍ଗଳ ମନାସୀ ଥିଲେ। ଅକ୍ଷତ ସଂଗ୍ରହ ବେଳେ ପିଓ ନିଖିଳ ପ୍ରଧାନ, ଅମରେନ୍ଦ୍ର ସ୍ୱାଇଁ, ସ୍ଥାନୀୟଅଙ୍ଗନବାଡି ଦିଦି ନନ୍ଦିନୀ ମୁଦିଲି, ମନୋରାମ ବାରିକ, ସିଆର୍‌ପି ଲୋପାମୁଦ୍ରା ରାଉତ, ବାସନ୍ତୀ ସାମଲ, ଶ୍ରୀମତୀ ସ୍ୱାଇଁ, ଅନସୂୟା ନାୟକ, ପ୍ରଗତି ସ୍ୱାଇଁ, ବିଜୟଲକ୍ଷ୍ମୀ ଲେଙ୍କା, ଶରତ ଚନ୍ଦ୍ର ସ୍ୱାଇଁ, ଗୌରାଙ୍ଗ ସାମଲ, ଶୋଭନୀ ଜେନା, ମଥୁରନନ୍ଦ ମହାରଣା, ବସନ୍ତ ସ୍ୱାଇଁ, ୱାର୍ଡସଭ୍ୟ ଧିରେନ୍ଦ୍ର ସାମଲ ପ୍ରମୁଖଙ୍କ ସହ ଏହି ରଥକୁ ସହ ବହୁ ମହିଳା, ସଂକୀର୍ତ୍ତନ ସଦସ୍ୟ ଓ ସାଧାରଣ ଜନତା ସ୍ୱାଗତ କରିଥିଲେ। ପରେ ପୋତାନଈ, ଦାର୍ଦ୍ଦିଆ, ଭ୍ରମରକୋଲ, ବାଇଲୋ, ଓକଲା, କୋଠିଆ ସାହି, ଖର୍ଦ୍ଦାସାହି ଓ ବିଲସାହୀ ଗ୍ରାମ ପରିକ୍ରମା କରି ଅକ୍ଷତ ସଂଗ୍ରହ କରିଥିଲା ଅର୍ପଣ ରଥ।

**ପଞ୍ଚୁପାଣ୍ଡବ**: ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ବିଡିଓ ଦାଶରଥି ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଭକ୍ତିଲତା ନାୟକ ଓ ସମିତିସଭ୍ୟା ମୋନାଲିସା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନ ଅମ୍ବୁରା, ବେଲାର୍‌ପୂର ଓ ରଘୁଦେଇପୁର ଗ୍ରାମ ପରିକ୍ରମା କରିଥିଲା ଏହି ରଥ। ଏବିଡିଓ ଭଞ୍ଜକିଶୋର ନାୟକ, ପିଇଓ ମାନସ ରଞ୍ଜନ ମଲିକ, ଜିଆର୍‌ଏସ୍ ଦୀପ୍ତିରଞ୍ଜନ ପାତ୍ର ଉପସ୍ଥିତ ଥିଲେ। ରମାକାନ୍ତ ମଲ୍ଲିକ, ମାନସ ନାୟକ, ବାବୁଲି ମହାନ୍ତି, ପ୍ରସନ କୁମାର ନାୟକ, ସରୋଜ ଷଣ୍ଡ, ବାସୁଦେବ ଦାଶ ଓ ବିଜୟ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।



● ଡିଏଭି ପବ୍ଲିକ୍ ସ୍କୁଲ ପିପିଏଲ ପାରାଦୀପ

## ସନ୍ଥ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

ପାରାଦୀପ, ୧୪।୧(ସମିସ): ଡିଏଭି ସ୍କୁଲ ପିପିଏଲ ଓ ଇଣ୍ଡିଆନ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ମିଳିତ ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପିପିଏଲ୍ ପରିଚାଳନା କମିଟିର ସିଏମ୍‌ଓ ତଥା ୟୁନିଟ ମୁଖ୍ୟ ପଲାନି ସାମୀ ଭେଲୁସାମୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ସୁମିତ ସେନାପତି, ସିଜିଏମ୍‌ଏଚ୍‌ଆର ଆଣ୍ଡ ଆଇଆର, ସଂଗ୍ରାମ ସ୍ୱାଇଁ ଜଏଣ୍ଟ ଜିଏମ୍‌ଏଚଆର, ଅରୁଣକାନ୍ତି ଆଚାର୍ଯ୍ୟ ସିକ୍ୟୁରିଟି ଆଣ୍ଡ ଟାଉନ ଆଫେୟାର୍ସର ମୁଖ୍ୟ ଏବଂ ସଞ୍ଜୟ କେତନ ସେଠୀ ଜି.ଏମ୍.ଏଚ.ଆର ପ୍ରଭୃତି ଏହି ଶିବିରରେ ଉପସ୍ଥିତ ରହି ଶିବିରଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସିଏମ୍‌ଓ ପଲାନି ସାମି ସର୍ବପ୍ରଥମେ ରକ୍ତଦାନ କରି "ରକ୍ତଦାନ ମହାପୂଣ୍ୟ"ର ବାର୍ତ୍ତା ବାଣ୍ଟିଥିଲେ। ସୁମିତ ସେନାପତି ସିଜିଏମ୍ ମଧ୍ୟ ରକ୍ତଦାନ କରି ରକ୍ତଦାନର ମହାନତାର ବାର୍ତ୍ତା ଦେଇଥିଲେ। ଏହି ରକ୍ତଦାନ ଶିବିରରେ ୧୦୦ଜଣ ରକ୍ତଦାତା ଓ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ରକ୍ତଦାନ କରିଥିଲେ। ଏଥିରେ ମୋଟ ୧୦୧ ୟୁନିଟ ରକ୍ତ ସଂଗ୍ରହ ହୋଇପାରିଛି। ସବୁ ରକ୍ତଦାତାଙ୍କୁ ଇଣ୍ଡିଆନ ରେଡ଼କ୍ରସ ସୋସାଇଟି ଓଡ଼ିଶା, ତରଫରୁ ଓ ଡିଏଭି ପବ୍ଲିକ୍ ସ୍କୁଲ ପି.ପି.ଏଲ ତରଫରୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି ଏବଂ ବିଦ୍ୟାଳୟ ତରଫରୁ ପତ୍ରିକା ଅଭିଳାଷା ମଧ୍ୟ ପ୍ରଦାନ କରାଯାଇଛି। ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସାହୁ ସମସ୍ତ ରକ୍ତଦାତାଙ୍କୁ ଗୋଟିଏ ଗୋଟିଏ ବୃକ୍ଷ ପ୍ରଦାନ କରି ରକ୍ତଦାତାଙ୍କ ପରି ବୃକ୍ଷ ମଧ୍ୟ ପ୍ରାଣକର୍ତ୍ତା ବୋଲି ବାର୍ତ୍ତା ପ୍ରଚାର କରିଛନ୍ତି।

## ରଘୁଦେଇପୁର ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

ପଞ୍ଚୁପାଣ୍ଡବ, ୧୪।୧(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ରଘୁଦେଇପୁର ସମବାୟ ସମିତିରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ପରିଚାଳନା କମିଟିର ସଭାପତି ସରୋଜକାନ୍ତ ସାହୁ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ତହସିଲଦାର ନାରାୟଣ ଦୀକ୍ଷିତ, ସମ୍ମାନିତ ଅତିଥିଭାବରେ ସିସିବିର ଚାନ୍ଦୋଳ ଶାଖା ପରିଚାଳକ ଜୟନ୍ତି ପତି ଯୋଗଦେଇଥିଲେ। ସମ୍ପାଦକ ଜୟପ୍ରକାଶ ସ୍ୱାଇଁ ଧାନମଣ୍ଡିରେ ଧାନ କ୍ରୟ ସମୟରେ କେଉଁ କେଉଁ ନିୟମ ପାଳନ କରାଯିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଖଗେଶ୍ୱର ସିଂ, ନିରନ ଦାସ, ଭରତ ସିଂ, ଗଙ୍ଗାଧର ମଲିକ, କେଶବ ଚନ୍ଦ୍ର ସାହୁ, ରମାକାନ୍ତ ମଲିକ, କୃଷ୍ଣଚନ୍ଦ୍ର ସାହୁ, ଧୃତି ସେଠୀ ଓ ହିମାଂଶୁ ସାହୁ ସହଯୋଗ କରିଥିଲେ। ଶେଷରେ ସହ-ସମ୍ପାଦକ ଉମେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରାହାମାରେ 'ନୂଆ-ଓ' ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

କୁଜଙ୍ଗ, ୧୪।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ସ୍ଥିତ ସାରଳା ମହାବିଦ୍ୟାଳୟ, ସାରଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ଧନ୍ଦାମୂଳକ ବିଦ୍ୟାଳୟର ନୂଆ ଓ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ, ମୁଖ୍ୟ ବକ୍ତା ରୂପେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ ଓ ସମ୍ମାନୀତ ଅତିଥି ରୂପେ ସାଇଲୋର ଯୁବ ସରପଞ୍ଚ ସରୋଜ କୁମାର ସେଠୀ, ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଶେଶ୍ୱର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିନବ ଯୋଜନା ଏକ ବୈପ୍ଳବିକ ଯୋଜନା ବୋଲି ଅଭିହିତ କରିଥିଲେ ଅତିଥିମାନେ।

ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ନୂଆ ଯୁବ ଓଡ଼ିଶାର ଯୁକ୍ତ ତିନିର ନୋଡାଲ ଅଧିକାରୀ ମନୋଜ କୁମାର ମହାନ୍ତି ଓ ଯୁକ୍ତ ଦୁଇର ନୋଡାଲ ଅଧିକାରରୀ ପ୍ରସନ୍ନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସଞ୍ଜୟ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ମହି ବିଦ୍ୟାଳୟ ଓ ଜିଲ୍ଲାସ୍ତରେ ଜିତିଥିବା ଦୁଇ କୃତୀ ପ୍ରତିଭାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିବା ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାଂସ୍କୃତିକ ବିଭାଗରେ ଯୁକ୍ତ ଦୁଇ ୨ୟ ବର୍ଷର ଛାତ୍ରୀ ସୁଶ୍ରୀ ବେବି ପଲକ, ଯୁକ୍ତ ତିନି ତୃତୀୟ ବର୍ଷ କଳାର ଛାତ୍ରୀ ସ୍ୱାତୀମୟୀ ମଲିକ୍ ଚାମ୍ପିଅନ ହୋଇ ସ୍ୱତନ୍ତ୍ର ପୁରସ୍କାର ଗ୍ରହଣ କରିଥିଲେ।



## 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ରଘୁନାଥପୁର, ୧୪।୧(ସମିସ): ରଘୁନାଥପୁର ବ୍ଲକ କୃତ୍ତାଙ୍ଗ ସ୍ଥିତ ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟରେ 'ନୂଆ-ଓ' ଯୁବ ଓଡ଼ିଶା



ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗ ଦେଇଥିଲେ। ନିର୍ବାଚନ ପୂର୍ବରୁ କଲେଜ ଗେଟ୍, କଲେଜ ମଧ୍ୟରେ ହାଇମାଷ୍ଟ ଲାଇଟ୍, ଡିଗ୍ରୀ କଲେଜରେ ଶ୍ରେଣୀ ଗୃହ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାକୁ ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। କଲେଜରେ ଛାତ୍ରଛାତ୍ରୀଙ୍କ ରହିଥିବା ଅସୁବିଧା ତୁରନ୍ତ ସମାଧାନ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସ୍ୱାମୀ ଅରୁପାନନ୍ଦ କଲେଜର ମୋ କଲେଜ ସଭାପତି ଅମ୍ବିକା ପ୍ରସାଦ ଦାସ, ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଏହି କଲେଜର ପୂର୍ବତନ ସମ୍ପାଦକ ସମାଜସେବୀ ସର୍ବେଶ୍ୱର ପଟ୍ଟନାୟକ, ସରପଞ୍ଚ ମନୋଜିନୀ ସାହୁ, ଜିଲ୍ଲାପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ୍, ଗୁଆଲିପୁର ସମିତି ସଭ୍ୟ କମଳାକାନ୍ତ ପରିଡ଼ା, ସମାଜସେବୀ ଡ. ସୁନାକର ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ବିକଶିତ କରିବାରେ ଏହି କାର୍ଯ୍ୟକ୍ରମ ବହୁ ଫଳପ୍ରଦ ହୋଇଛି ବୋଲି କହିଥିଲେ। ଏହି ଉତ୍ସବରେ ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଡ. ଶରତ ଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ। ଏଥିରେ ଅଧ୍ୟାପକ ଭଗବାନ ଦାସ ସୂଚନା ଓ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ କଲେଜର ଅଧ୍ୟକ୍ଷ ଦୟାନିଧି ରାଉତରାୟ ଅତିଥି ପରିଚୟ ଦେଇଥିବା ବେଳେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରାଜକିଶୋର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।

### ଲଥାଙ୍ଗରେ ବାର୍ଷିକ କ୍ରୀଡା ଉତ୍ସବ ସହ ସାଂସ୍କୃତିକ ସମାବେଶ

## ପିତାମାତା ଓ ଶିକ୍ଷକଙ୍କୁ ସମ୍ମାନ ଜୀବନରେ ସମୃଦ୍ଧି ଆଣେ



କୁଜଙ୍ଗ, ୧୪।୧(ସମିସ): ଶେଖରେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ଲଥାଙ୍ଗର ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ସମାବେଶ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ମହାପାତ୍ରଙ୍କ ପୌରୋହିତ୍ୟରେ ବିଗତ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଗରେଇ ଗ୍ରାମପଞ୍ଚାୟତ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ହୃଷୀକେଶ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ସାରସ୍ୱତ ସାଧକ ତଥା ପୂର୍ବତନମନ୍ତ୍ରୀ ଡଃ ପ୍ରସନ୍ନ ପାଟଶାଣୀ ଯୋଗଦେଇ ବହୁ ଉପାଦେୟ କଥା ଓ କବିତା ଦ୍ୱାରା ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ରୂପେ ଯୁକ୍ତଦୁଇ ପରିଚାଳନା ସମିତିର ସଭାପତି ସ୍ନେହମୟୀ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ରୂପେ ଯୁକ୍ତ ତିନି ପରିଚାଳନା ସମିତିର ସଭାପତି ସୁଧାଂଶୁ ଶେଖର ଆଚାର୍ଯ୍ୟ ଭାବେ ଯୋଗଦେଇ ବକ୍ତବ୍ୟ ସହ କୃତି କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ପ୍ରସନ୍ନ କୁମାର ସେଠୀ, କବି ଅକ୍ଷୟ କୁମାର ନାୟକ ଯୋଗଦେଇଥିଲେ। ଅଧ୍ୟାପିକା ଲିପ୍‌ସା ରାଣୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚକ୍ରଧର ନାୟକ, ଯଦୁନାଥ ଦାଶ, ତ୍ରିବେଣୀ ବାଳା ସ୍ୱାଇଁ, ସୁଶ୍ରୀ ସ୍ମୃତିମୟୀ ଦଳାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ଦାସ ଓ ବରି ନାରାୟଣ ଲେଙ୍କା ବିଚାରକ ଭାବେ ଯୋଗଦେଇଥିଲେ। ଶେଷରେ ରାଙ୍ଗ ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ 'ସେ ମୋ ଜଗନ୍ନାଥ ନାଟିକା' ପରିବେଷଣ କରାଯାଇଥିଲା।

### 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

## ମହିଳା କବାଡ଼ିରେ ରାଜକନିକା ଚାମ୍ପିଅନ

ଓଳାଭର, ୧୪।୧(ସମିସ): ରାଜ୍ୟରେ ଖେଳକୁ ଅଧିକ ଆଦୃତି କରାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇ ଥିବା ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବ୍ଲକସ୍ତରର ମହିଳା କବାଡି ଖେଳରେ ରାଜକନିକା ବ୍ଲକ କେନ୍ଦ୍ରାପଡ଼ା ଜିଲ୍ଲା ଚାମ୍ପିଅନ ହୋଇଛି। ବ୍ଲକସ୍ତରର ଏହି ମହିଳା କବାଡି ଖେଳରେ ବିନା କୋଚ୍ ଆଉ ମ୍ୟାନେଜର ବିନା ରାଜକନିକାର ମହିଳା କବାଡି ଦଳ ନିଜ ପାରଦର୍ଶିତା ଆଉ କଠୋର ପରିଶ୍ରମ ଦ୍ୱାରା ଉତ୍ତମ ପ୍ରଦର୍ଶନ ଦେଖାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ପ୍ରତିପକ୍ଷ ମହାକାଳପଡ଼ା ମହିଳା କବାଡି ଖେଳାଳିଙ୍କ ସହିତ ଖେଳରେ ୩୯-୧୦ ପଏଣ୍ଟରେ ଆଗୁଆ ରହି ବିଜୟ ହାସଲ କରିଥିବା ସତ୍ତ୍ୱେ ବି ରାଜକନିକା ବ୍ଲକ ପ୍ରଶାସନ ଖେଳାଳିଙ୍କୁ ଉତ୍ସାହିତ କରିବାରେ କାର୍ପଣ୍ୟତା ଦେଖାଇ ଥିବାର ଅଭିଯୋଗ କରିଛନ୍ତି ଦଳର କ୍ୟାପଟେନ ଖାନନ୍ ବେଗମ୍‌ଙ୍କ ସହ ସମସ୍ତ ଖେଳାଳି। ଗତକାଲି ଖେଳ ଜିତିବା ପରେ ବ୍ଲକ ପରିସରକୁ ଆସି ନିଜର କ୍ଷୋଭ ଜଣାଇଥିଲେ ବିଡ଼ିଓ ପୃଥିରାଜ ପରିଡ଼ାଙ୍କ ପାଖରେ। ତେବେ ବିଳମ୍ବରେ ହେଉ ପଛେ ଫୁଲତୋଡାଟିଏ ଦେଇ ବିଡ଼ିଓ ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇ ଆଗାମୀ ଦିନରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆ ଯିବ ବୋଲି ପ୍ରତିଶୃତି ଦେଇଥିଲେ। ହେଲେ ନିଜସ୍ୱ ଖର୍ଚ୍ଚରେ ଜର୍ସି କିଣି ମହିଳା କବାଡି ଦଳ ଜିଲ୍ଲାରେ ସର୍ବାଗ୍ରେ ଥିବା ସତ୍ତ୍ୱେ ବି ପ୍ରଶାସନର ଅଣଦେଖା



ସାଧାରଣରେ ଚକିତ କରିଛି। ଗୋଟେପଟେ ସରକାର କ୍ରୀଡ଼ାକୁ ଆଦୃତି କରିବା ଉଦ୍ଦେଶ୍ୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶାର ପରିକଳ୍ପନା କଲାବେଳେ ଅପରପକ୍ଷରେ ଖେଳାଳିଙ୍କୁ ସହାୟତା ସହିତ ଉତ୍ସାହିତ ନ କରିବା ବ୍ଲକ ପ୍ରଶାସନର ପାରିଲାପଣିଆ ଉପରକୁ ଆଙ୍ଗୁଠି ଉଠାଇଛି। ତେବେ ମହିଳା କବାଡି ଦଳକୁ ଆଗାମୀ ଦିନରେ ଭୁବନେଶ୍ୱରଠାରେ ହେଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଏହି ଦଳପ୍ରତି ପ୍ରଶାସନ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

# ବସ୍-ସ୍କର୍ପିଓ ମୁହାଁମୁହିଁ ଧକ୍କା

# ୬ ବନ କର୍ମଚାରୀଙ୍କ ସମେତ ୭ ଗୁରୁତର

**ନୂଆପଡ଼ା/କୋମନା, ୧୪।୧(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ୩୫୩ ନଂ. ଜାତୀୟ ରାଜପଥ ତରବୋଡ଼ ସମ୍ବଳ ପ୍ରକଳ୍ପ ନିକଟରେ ରବିବାର ମଧ୍ୟାହ୍ନରେ ଏକ ସରକାରୀ ବସ୍ ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହେବା ଫଳରେ ୭ ଜଣ ଲୋକ ଗୁରୁତର ଆହତ ହୋଇଛନ୍ତି। ଏଥିରେ ୬ଜଣ ବନ ବିଭାଗର କର୍ମଚାରୀ ବୋଲି ଜଣା ପଡ଼ିଛି। ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ମଧ୍ୟାହ୍ନରେ ନୂଆପଡ଼ାରୁ ବଲାଙ୍ଗୀର ଅଭିମୁଖେ ଯାଇଥିବା ସରକାରୀ ବସ୍ ଓ କୋମନା ପଟୁ ଆସୁଥିବା ସ୍କର୍ପିଓ ତରବୋଡ଼ ୩୫୩ ନଂ ଜାତୀୟ ରାଜପଥ ସମ୍ବଳଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ସ୍କର୍ପିଓ ଗାଡିରେ ଥିବା ବନ ବିଭାଗର ଫରେଷ୍ଟର କନ୍ଦର୍ପ ସୁନାନୀ, ତ୍ରିବିକ୍ରମ ନାଏକ, ଗୋପାଳ ମହାନନ୍ଦ, ଫରେଷ୍ଟଗାର୍ଡ ରାଜେଶ ହରିଜନ, ୱାଚର କୁଞ୍ଜ ବାଗ, ଚାଳକ ସାଗର ଦୁରିଆ ଗୁରୁତର ହୋଇଥିବାବେଳେ ସରକାରୀ ବସ୍‌ରେ ଥଇବା ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ଜଣାପଡ଼ିଛି। ତୁରନ୍ତ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୭ ଗୁରୁତରଙ୍କୁ ଉଦ୍ଧାର କରି ନୂଆପଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ବନବିଭାଗର ୬ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଯୋଗ୍ୟ ଯେ, ସ୍କର୍ପିଓରେ ଲାଗିଥିବା ବେଲୁନ ଯୋଗୁଁ ଯାତ୍ରୀମାନେ ବର୍ତ୍ତିଯାଇଥିବା କୁହାଯାଉଛି।



# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାକୁ ସାମ୍ବାଦିକ ସଂଘର ଦୃଢ଼ ନିନ୍ଦା

## ଗିରଫ ପାଇଁ ସାମ୍ବାଦିକ ସଙ୍ଘର ଦାବିପତ୍ର

**ନୂଆପଡ଼ା/ଖଡ଼ିଆଳ, ୧୪।୧ (ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅନ୍ତର୍ଗତ ପଲସଦା ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମାବେଳେ ଖବର ସଂଗ୍ରହ ସମୟରେ ଜଣେ ସାମ୍ବାଦିକଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ସ୍ୱାମୀ ଆକ୍ରମଣ କରିବା ଭଳି ମାମଲାକୁ ସାମ୍ବାଦିକ ସଂଘ ଜାନ୍ ତରଫରୁ ଦୃଢ଼ ନିନ୍ଦା କରାଯାଇଛି। ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସରପଞ୍ଚଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ସଂଘ ତରଫରୁ ନୂଆପଡ଼ା ଏସପିଙ୍କୁ ଖଡ଼ିଆଳ ଏସଡିପିଓଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରିଛନ୍ତି। ସଂଘ ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁନୁ କରୁଆଁଙ୍କ ନେତୃତ୍ୱରେ କର୍ମକର୍ତ୍ତା ଏସଡିପିଓ ଅରୂପ ଅଭିଷେକ ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗତ ୧୧ତାରିଖ ଦିନ ଏହି ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରୁଥିବା ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଜଣକ ନିଶାସକ୍ତ ଅବସ୍ଥାରେ ରଥରେ ସାମିଲ ଥିବା ଅଭିଯୋଗ ହେବାପରେ ମିନିକେତନ ନାଏକ ନାମକ ଜଣେ ବୈଦ୍ୟୁତିକ ଗଣ ମାଧ୍ୟମ ସାମ୍ବାଦିକ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମେରେଲାଲ ତାଣ୍ଡିଙ୍କୁ ଭେଟି ମତାମତ ନେବାକୁ ବୁମ୍ ବାହାର କରି ଆଗକୁ ବଢ଼ାଇଥିଲେ। ଠିକ ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀ କୃଷ୍ଣରାଜ ବେହେରା ସାମ୍ବାଦିକଙ୍କ ଉପରେ ନାଲି ଆଖି ଦେଖାଇ ବୁମକୁ ହାତରେ ଧରି ଫୋପାଡ଼ି ଦେଇଥିଲେ। ଏହାକୁ ନେଇ ସାମ୍ବାଦିକ ଜଣକ ବୋଡେନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ହେଲେ ଏଯାବତ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି। ତେବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବବୋଲି ଏସଡିପିଓ ବେହେରା ପ୍ରତିଶୃତି ଦେଇଛନ୍ତି। ସଂଘ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ଦଣ୍ଡସେନା, ଯୁଗଳ ଦଣ୍ଡସେନା, ମେଘ ରାଜ ଦଣ୍ଡସେନା ପ୍ରମୁଖ ସାମିଲ ଥିଲେ।

# ନିଶୁଳ୍କ ଶିଶୁ ସ୍ୱାସ୍ଥ୍ୟ ଶିବିର

**କଣ୍ଟାବାଞ୍ଜି, ୧୪।୧ (ସମିସ):** କଣ୍ଟାବାଞ୍ଜି ମାରୱାଡି ଯୁବାମଞ୍ଚ ଶାଖା ଏବଂ ବିକାଶ ଶାଖା ପକ୍ଷରୁ ସୀତା ଭବନରେ ପୂର୍ବତନ ଅଧକ୍ଷ ଦୀପକ ଅଗ୍ରୱାଲଙ୍କ ସ୍ମୃତିରେ ରାୟପୁରର ବାଳଗୋପାଳ ଶିଶୁ ଚିକିତ୍ସାଳୟ ସହଯୋଗରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ପୂର୍ବରୁ ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜି ଶାଖା ଅଧକ୍ଷ ରାହୁଲ ସୋନି, ବିକାଶ ଶାଖା ଅଧକ୍ଷ ଆକାଶ ଜୈନ, ବବଲୁ ଅଗ୍ରୱାଲ, ହସ୍ପିଟାଲର ମୁଖ୍ୟ ଡା. ଅଶୋକ ଭଟ୍ଟର, ଡା. ପ୍ରଶାନ୍ତ କେଡ଼ିଆ ପ୍ରମୁଖ ମଞ୍ଚାସୀନ ଥିଲେ। ହସ୍ପିଟାଲର ୩୫ ଜଣିଆ ଟିମରେ ୧୨ରୁ ଅଧିକ ବିଭିନ୍ନ ପ୍ରକାର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଯୋଗ ଦେଇଥିଲେ। ନବଜାତ ଶିଶୁରୁ ୧୪ ବର୍ଷର କିଶୋର-କିଶୋରୀ ଶିବିରର ଲାଭ ଉଠାଇଥିଲେ। କଣ୍ଟାବାଞ୍ଜି ସହରରେ ପ୍ରଥମେ ଥର ପାଇଁ ଏହି ଶିବିର ହୋଇଥିବା ଶିବିର ସଂଯୋଜକ ଆଶିଷ ବଦ୍ରୀ କହିଥିଲେ। ସଚିବ ବିନୟ ଶର୍ମା, କୋଷାଧକ୍ଷ ଚିରାଗ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ସୌରଭ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ଆଶୁତୋଷ ଖେମକା, ପୁଷ୍ପକାନ୍ତ ଗୋୟଲ, ବିକାଶ ଶାଖା ସଚିବ ଦୀପକ ଜୈନ, ପରାମର୍ଶଦାତା ଆଶିଷ ଖେତାନ, ବଜରଙ୍ଗ ଜିନ୍ଦଲ, ମୟଙ୍ଗ ଜୈନ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମକର ଯାତ୍ରା ପାଇଁ କଳସ ଶୋଭାଯାତ୍ରା

**ସୁବଳୟା, ୧୪।୧ (ସମିସ):** ବୀରମହାରାଜପୁର ବ୍ଲକ କେନ୍‌ଝରିଆପାଲି ପଞ୍ଚାୟତ ଅନ୍ତର୍ଗତ ପୁଲେଶ୍ୱର ଗ୍ରାମରେ ୬୬ ତମ ମକରଯାତ୍ରା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳୁ ହରିହର ଜୋର ଠାରେ ଗଙ୍ଗାମାତାଙ୍କ ଆବାହନ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଶତାଧିକ ମହିଳା ପୁରୁଷ ଜଳପୂର୍ଣ୍ଣ କଳସୀ ଧରି ଏକ ଆଧ୍ୟାତ୍ମିକ ପରିବେଶରେ ନାମ ସଂକୀର୍ତ୍ତନ ହରିବୋଲ ହୁଳହୁଳି ସହ ନଗର ପରିକ୍ରମା ହୋଇଥିଲା ପରେ ନାମ ମଣ୍ଡପଠାରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଆସନ୍ତାକାଲିଠାରୁ ୨୪ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହେବାର ସୂଚନା ରହିଛି। ଏଥିରେ ପୂଜକ ଗୋପାଳ ପାଢ଼ୀ ପୂଜା କାର୍ଯ୍ୟ ତୁଲାଇଥିବାବେଳେ ଶରତ ଖୁଣ୍ଟିଆ ଓ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସଭାପତି ଶ୍ୟାମ ନାରାୟଣ ମିଶ୍ର ସହ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବାଗବର ଓ ନୂଆଁଗଡ଼ରେ ଅଷ୍ଟ ପ୍ରହର ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।



# ଭୁସଲାଡ଼ରେ ଅର୍ପଣ ରଥ

**ବଙ୍ଗୋମୁଣ୍ଡା, ୧୪।୧(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଭୁସଲାଡ ପଞ୍ଚାୟତର ଭୁସଲାଡ, କିରାବାହାଲ, ପଲସଖଣ୍ଡ, ପରୁଆଭାଡି ଗାଁରେ ଅର୍ପଣ ରଥ ପରିକ୍ରମା କରିଛି। ଏ ଅବସରରେ ଲୋକଙ୍କ ଗହଣରେ ସରପଞ୍ଚ ଦୀପକ ଛୁରା ରଥକୁ ସ୍ୱାଗତ କରିଥିଲେ। ବିପିଏମ ବିଜୟ ବେହେରା, ଜେଇ ପ୍ରଦ୍ୟୁମ୍ନ ସାହୁ, ପିଇଓ, ଜିଆରଏସ, ଯୋଗାଣ ସହାୟକ, ଏମବିକେ, ସିଆରପି ଉପସ୍ଥିତ ଥିଲେ। ଚାରୋଟି ଗ୍ରାମର ଘର ଘର ବୁଲି ଅର୍ପଣ ରଥ ଗାଁ ପରିକ୍ରମା କରିଥିଲା।



# କବିତା ପାଠ ଓ ସମ୍ବର୍ଦ୍ଧନା ସଭା

**ବଲାଙ୍ଗିର,୧୪।୧(ସମିସ):** କଲେଜ ଛକ୍ ଶିଶୁ ବିଦ୍ୟା ମନ୍ଦିରର ସଭାଗୃହରେ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, କଟକ ଓ ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ, ବଲାଙ୍ଗିରର ମିଳିତ ଆନୁକୂଲ୍ୟରେ କବିତା ପାଠ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଶୁକବି ହେମନ୍ତ ଦାଶ ସଭା ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଦେଓଗାଁ ଡିଗ୍ରୀ କଲେଜର ଅଧକ୍ଷ ରମେଶଚନ୍ଦ୍ର ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ଡ. ସୁମନ୍ତ ପାଢୀ, ଝସକେତନ ଗୁରୁ ଯୋଗ ଦେଇଥିଲେ। ଇଂରାଜୀ ପ୍ରଧାପକ ଦୁର୍ବାଦଳ ଘିଭେଲା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦର ସଂପାଦକ କବି ନବକିଶୋର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାପକ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟ ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ସମ୍ମାନ ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର ମିଶ୍ରଙ୍କୁ ଓ ରାଜ୍ୟସ୍ତରୀୟ ପ୍ରଜ୍ଞାପ୍ରାଣ ସମ୍ମାନ ଡ. ଚିତ୍ତରଞ୍ଜନ ମିଶ୍ରଙ୍କୁ ଓ ଡ. ସୁମନ୍ତ ପାଢୀଙ୍କୁ ବାଣୀପୁତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ନିରୁପମା ମିଶ୍ର ଓ କ୍ଷୀରେଶ୍ୱର ଦଳବେହେରା ସହଯୋଗ କରିଥିଲେ।

# ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

**ବୀରମହାରାଜପୁର, ୧୪।୧ (ସମିସ):** ବୀରମହାରାଜପୁର ଉପଖଣ୍ଡସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ଉପେନ୍ଦ୍ର ଦାଶ ଏଥିରେ ଅଧକ୍ଷତା କରିଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ହେବାକୁ ଥିବା ଏହି ଉତ୍ସବରେ ସ୍ଥାନୀୟ ଉପଜିଲ୍ଲାପାଳ ଲଲାଟେନ୍ଦୁ ସି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଛି। ମିଳିତ ପରେଡରେ ମୋଟ ୩୪ଟି ପରେଡ ଦଳ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଏଥିପାଇଁ ଆସନ୍ତା ୨୨ ଓ ୨୪ ତାରିଖରେ ଷ୍ଟାଡିୟମ ପଡ଼ିଆରେ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ସ୍ଥିର ହୋଇଥିଲା। ଉକ୍ତ ବୈଠକରେ ବୀରମହାରାଜପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଡ଼. ପ୍ରଫୁଲ୍ଲ କୁମାର ରଥ, ଉପଖଣ୍ଡ ସାମ୍ବାଦିକ ସଙ୍ଘ ସଭାପତି ଶୟମ୍ଭୁ ନାଥ ଖଣ୍ଡଗିରି, ଡେପୁଟି କଲେକ୍ଟର ଅଜିତ କୁମାର ମିର୍ଦ୍ଧା, ସ୍ଥାନୀୟ ବିଭିନ୍ନ ଅଧିକାରୀଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି, ଶିକ୍ଷକ, ଅଧ୍ୟାପକ, ବ୍ୟବସାୟୀ, ସମାଜସେବୀ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ପ୍ରିୟଦର୍ଶୀ ଅଶୋକ ମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗିର ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୧୪।୧(ସମିସ):** ବଲାଙ୍ଗିର ପବ୍ଲିକ ସ୍କୁଲର ୩୯ତମ ବାର୍ଷିକ ଉତ୍ସବରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବିରେନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ହିସାବରେ ସାମ୍ବାଦିକ ଅଖିଳଚନ୍ଦ୍ର ହୋତା ଏବଂ ସମ୍ମାନିତ ଅତିଥି ଅଧାପକ ପ୍ରହଲ୍ଲାଦ ଶତପଥୀ ଯୋଗ ଦେଇଥିଲେ। ସ୍କୁଲର ଅଧକ୍ଷ ସତିଶ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଗୋପାଳ କୃଷ୍ଣ ସିଂଦେଓ, କୋଷାଧକ୍ଷ ଆଲୋକ ରଞ୍ଜନ ବେଦବାକ, ସଭ୍ୟ ବାଦଲ ମହାକୁର, ଶିରିଶଚନ୍ଦ୍ର ହୋତା ଓ ସଞ୍ଜୀବ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ହରେକୃଷ୍ଣ ନାୟକ ସଭା ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ଆଲାମ ନାୟକ ୨୦୨୩ ବର୍ଷ ପାଇଁ ଓଡ଼ିଶା ପ୍ରଶାସନିକ ସେବାରେ ୧୨୫ତମ ସ୍ଥାନରେ ସଫଳତା ଯୋଗୁଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଠିକ୍ ସେହି ବର୍ଷ ୨୦୨୩ ପାଇଁ ବିଦ୍ୟାଳୟ ପ୍ରତୀକ୍ଷା ସାମଲଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଉପାଧକ୍ଷ ଦୀପକ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



# ଡୁଙ୍ଗିବାହାଲରେ ଗ୍ରାମାଞ୍ଚଳ କ୍ରିକେଟ ଉଦ୍‌ଯାପିତ



**ଡୁଷୁରା, ୧୪।୧ (ସମିସ):** ଚଳିତବର୍ଷ ପ୍ରଥମକରି ଗୁଡଭେଲା ବ୍ଲକ ଡୁଙ୍ଗିବାହାଲ ଠାରେ ୧୦ ଓଭର ବିଶିଷ୍ଟ ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିବେକ ପାୱାର ହିଟର ଏବଂ ଆର୍ ଆର୍ ଫାଇଟର ଦଳ ମଧ୍ୟରେ ଆର ଆର ଫାଇଟର ୮ ଉଇକେଟ୍‌ରେ ବିଜୟୀ ହୋଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ମୁଖ୍ୟଅତିଥି ଭାବେ ଗୁଡଭେଲା ବିଜେଡି ଜିଲ୍ଲା ପରିଷଦ ସଭ୍ୟ ରାମନୀବାସ ଅଗ୍ରୱାଲ ବିଜୟୀ ଦଳକୁ ୧୫ ହଜାର ଏବଂ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିକାଶ ନନ୍ଦ ଏବଂ ଭକ୍ତି ସାଗର ଖେଳ ପରିଚାଳନା କରିଥିବା ବେଳେ ଦୁର୍ଯୋଧନ ସୁନା ଓ ରିଙ୍କୁ ସୁନା ଧାରା ବିବରଣୀ ପ୍ରଦାନ କରିଥିଲେ।

# ଗୋ-ଧନ ଓ ନବ୍ୟ ମାନବବାଦ ସମ୍ପର୍କିତ ଆଲୋଚନାଚକ୍ର

**ବଲାଙ୍ଗିର, ୧୪।୧(ସମିସ):** ଜିଲ୍ଲା ଯାଦବ ଭବନରେ ଅପରାହ୍ନ ସମୟରେ ୟାଫ୍ (ୟୁଥ ଏକଟିଭିଷ୍ଟ ଫୋରମ) ଦ୍ୱାରା ପରିଚାଳିତ ଶ୍ରୀସୁରଭି ଗୋ-ସେବା ଧାମର ଉନ୍ନତି ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନ ମେହେରଙ୍କ ଅଧକ୍ଷତାରେ ସନାତନ ଦେବତା ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଗୋ-ଧନ ଓ ପଶୁଧନର ବିକାଶ, ସୁରକ୍ଷା, ଯତ୍ନ ଏବଂ ବୁଲା ଗୋ-ବଂଶଙ୍କ ଥଇଥାନ ତଥା ନବ୍ୟ ମାନବିକତା ଉପରେ ବକ୍ତବ୍ୟ ରଖିଥିଲେ। ରାମଚନ୍ଦ୍ର ବିଶ୍ୱାଳ, କେଦାର ନନ୍ଦ, ସିଦ୍ଧେଶ୍ୱର ମିଶ୍ର, ସିଦ୍ଧେଶ୍ୱର ପାଣିଗ୍ରାହୀ, ଅଶ୍ୱିନୀ ପଟେଲ, ସରୋଜ ଷଡଙ୍ଗୀ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବରେ ଓଡ଼ିଶା ଗୋ-ଗ୍ରାମର ଅଧକ୍ଷ ପ୍ରଦୀପ୍ତ ତ୍ରିପାଠୀ ଗୋ-ମାମାତ୍ମ୍ୟ ଓ ଗୋ-ବିଜ୍ଞାନ ଉପରେ ଆଲୋଚନା କରିଥିଲେ। ସରୋଜ ମେଷ୍ଠା, କପିଳାସ ମହାକୁର, ନୀଳମଣି ଯୋଷୀ, ଭକ୍ତ ଚନ୍ଦ୍ରିୟା, ସରୋଜ ଦୋରା, ଭାଗ୍ୟବାନ ସାହୁ, ନରେଶ ବାଗ, ସୁମନ୍ତ ମେହେର, ବାସନ୍ତୀ ଜେନା, ଫିରୋଜ ବିବି, ସଞ୍ଜୁ ନାଏକ, ବାନାରି ଆଚାର୍ଯ୍ୟ, ସରସ୍ୱତୀ ସାହୁ, ମଞ୍ଜରୀ ପଟେଲ, ବଳରାମ ମିଶ୍ର ଓ ସ୍ୱନ୍ଦିତା ମେହେର ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜି ସର୍କିଲ୍ କ୍ରିକେଟ୍: ସରମୁହାନ ଚାମ୍ପିଅନ

**ତୁରେକେଲା, ୧୪।୧ (ସମିସ):** କଣ୍ଟାବାଞ୍ଜି ୧ନଂ ୱାର୍ଡସ୍ଥିତ ଖେଳପଡ଼ିଆରେ ଡାକ୍ତର ଜ୍ୟୋତିପ୍ରକାଶ ରାମଙ୍କ ତତ୍ତ୍ୱାବଧାନରେ ସର୍କଲ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବିଭିନ୍ନ ୧୬ଟି କ୍ରିକେଟ ଦଳ ଭାଗ ନେଇଥିଲେ। ସରମୁହାନ ଓ କଣ୍ଟାବାଞ୍ଜି ଫାଇଟ କ୍ଲବ ମଧ୍ଯରେ ଅନୁଷ୍ଠିତ ଫାଇନାଲରେ ସରମୁହାନ ଟିମ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କଣ୍ଟାବାଞ୍ଜି ମେଡିକାଲ ଅଫିସର ଡା. ଏସପିଡି ପଣ୍ଡା, ବରିଷ୍ଠ ବ୍ୟକ୍ତି ଲବ ଅଗ୍ରୱାଲ, ପଙ୍କଜ ସିଂ, ମିଡିଆ ସଂଯୋଜକ ରୋହନ ମହତ, ମୋହନ ସୁନା, କରଣ ଭୋଇ, ସଦସ୍ୟ କୁନାଳ ଦାସ, ଜୟଦେବ ସେଠ, ଧନ ସିଂ, ଛଟୁ ବଏ, ସୁରେଶ ସାହୁ, ବାଦଲ, ପ୍ରମୋଦ, ରିତେଶ, କ୍ରିଷ୍ଣା, ନିଲୁ, ସଂଗ୍ରାମ ତ୍ରିପାଠୀ, ବଳଦେବ ମେହେର, ଲୁଟୁ, ନିଲୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଭୁଦାସ କୁମାର ପରିଚାଳନା କରିଥିଲେ।



# ବିକେଏମ୍‌ପି ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା

**ବଲାଙ୍ଗିର, ୧୪।୧(ସମିସ):** ଦେଓଗାଁ ବ୍ଲକ ଅର୍ଜୁନପୁର ଗ୍ରାମ ହାଇସ୍କୁଲ ପଡ଼ିଆରେ ବିକେଏମ୍‌ପି ତରଫରୁ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତ ୧୦ ତାରିଖରୁ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଚତୁର୍ଥ ଦିବସରେ ପହଞ୍ଚିଛି। ମୁଖ୍ୟଅତିଥି ରୂପେ ଅନ୍ତର୍ଜାତୀୟ କରାଟେ ସ୍ୱର୍ଣ୍ଣପଦକ ବିଜେତା, କୋଚ ତଥା ରାଜ୍ୟ ସରକାରଙ୍କ ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଅସୀମ ଭୋଇ, ଅନ୍ୟତମ ଅତିଥି ଭାବରେ ସରପଞ୍ଚ ପ୍ରତିନିଧି ଅଭିମନ୍ୟୁ ଛତ୍ରିଆ, ଉପଦେଷ୍ଟା କେଶର କୁଅଁର, ସମାଜସେବୀ ଭାଗବତ ପ୍ରକାଶ ସାହୁ, ଗୋପୀନାଥ ନାଗ ଯୋଗ ଦେଇଥିଲେ। ହେମନ୍ତ ଦିପ, ଗୋବିନ୍ଦ ସେଠ, ପ୍ରଦୀପ ବଡ଼ିଆ, ରୋହିତ ନାଗ, ଲିକୁନ ସାହୁ, ରମେଶ ନାଏକ, ଜିବନ ଛତ୍ରିଆ ସହଯୋଗ କରିଥିଲେ। କମସରା ଓ ଫାସଡ, ସମଲେଶ୍ୱରୀ କ୍ଲବ ଗଇଁତଲା ଓ ମୁରସିଂ ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ଫାସଡ ଟିମ୍ ସେମିଫାଇନାଲକୁ ପ୍ରବେଶ କରିଛି।



# ଏହେସାସ ତାଇକ୍ୱୋଣ୍ଡୋ ଏକାଡେମୀ ଖେଳାଳିଙ୍କ ସଫଳତା

**ବୀରମହାରାଜପୁର, ୧୪।୧ (ସମିସ):** ଜାତୀୟ ବିଶ୍ୱବିଦ୍ୟାଳୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲ୍ଲା ଏହେସାସ ତାଇକଣ୍ଡୋ ଏକାଡେମୀର ଦୁଇଜଣ ଖେଳାଳି କୃତିତ୍ୱ ହାସଲ କରିଛନ୍ତି। ଜିତୁ ବିଶ୍ୱବିଦ୍ୟାଳଳୟ ଝୁନଝୁନ ରାଜସ୍ଥାନ ଠାରେ ଗତ ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଉଭୟ ପୁରୁଷ ଓ ମହିଳା ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଏହି ଦୁଇ ଖେଳାଳୀଙ୍କୁ ସଫଳତା ମିଳିଛି। ସମ୍ବଲପୁର ବିଶ୍ୱବିଦ୍ୟାଳରୁ ପ୍ରତିନିଧିତ୍ୱ କରିଥିବା ଏହେସାସ ତାଇକ୍ୱୋଣ୍ଡୋ ଏକାଡେମୀର ଖେଳାଳି ବିଶ୍ୱରଞ୍ଜନ ସାହୁ ଏବଂ ପ୍ରିୟଦର୍ଶିନୀ କର ପ୍ରଥମେ ଜୋନାଲ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ସଫଳତା ପାଇବା ପରେ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେଇଥିଲେ। ଏହି ପ୍ରତିଯୋଗିତାରେ ୮୭ କେଜି ପୁରୁଷ ବର୍ଗରେ ବିଶ୍ୱରଞ୍ଜନ ସାହୁ କାଂସ୍ୟ ପଦକ ହାସଲ କରିଥିବାବେଳେ ୭୩ କେଜି ମହିଳା ବର୍ଗରେ ପ୍ରିୟଦର୍ଶିନୀ କର ମଧ କାଂସ୍ୟ ପଦକ ହାସଲ କରିଛନ୍ତି। କୋଚ ଏହେସାସ ହୋତାଙ୍କ ନେତୃତ୍ୱରେ ଉଭୟ ଖେଳାଳୀ ରାଜସ୍ଥାନ ଗସ୍ତ କରିଥିବା ଜଣାଯାଇଛି। ଖେଳାଳିଙ୍କ ଏହି ସଫଳତା ପାଇଁ ରାଜ୍ୟ ତାଇକ୍ୱୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ ଏବଂ ଜିଲ୍ଲା ତାଇକ୍ୱୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଶୁଭେଚ୍ଛା ଜଣାଇଛନ୍ତି।




# ୨୧ରୁ ୨୮ ଲାଲମନୀ ଜାତୀୟ କ୍ରିକେଟ

## ପ୍ରଥମଥର ପାଇଁ ଟର୍ଫ ପିଚ୍‌ରେ ହେବ ଖେଳ

**ସୋନପୁର, ୧୪।୧(ସମିସ)**




କରୋନା ଯୋଗୁଁ ୩ ବର୍ଷ ବନ୍ଦ ପରେ ବହୁ ପ୍ରତିକ୍ଷିତ ଲାଲାମନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏଥର ଅନୁଷ୍ଠିତ ହେବ। ତେବେ ଏଥର ନୂଆ ରୂପରେ ଆସିବ ଲାଲମନୀ ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ପ୍ରଥମ ଥର ପାଇଁ ଟର୍ଫ ପିଚ୍‌ରେ କ୍ରିକେଟ ମ୍ୟାଚ ଖେଳାଯିବ। ଆସନ୍ତା ୨୧ରୁ ୨୮ ତାରଖ ଯାଏଁ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିସିଏ ପକ୍ଷରୁ ସୂଚନା ଦିଆଯାଇଛି। ପଶ୍ଚିମବଙ୍ଗ, ନାଗପୁର, ରାଞ୍ଚି, ଦିଲ୍ଲୀ ଭଳି ୯ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ସାମିଲ ହେବେ ବୋଲି ଏସ୍‌ଡିସିଏ ସଭାପତି ରାମଶଙ୍କର ସାହୁ କହିଛନ୍ତି। ବିଜୟୀ ଦଳକୁ ୮୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ। ଜଣେ ଜାତୀୟ ସ୍ତରର ଖେଳାଳିଙ୍କୁ ଅତିଥି ଭାବେ ଆଣିବା ପାଇଁ ଆଲୋଚନା ଚାଲିଛି ବୋଲି ସମ୍ପାଦକ ପ୍ରଦୀପ ସେଠୀ ସୂଚନା ଦେଇଛନ୍ତି। ୩୫ତମ ଲାଲମନି କ୍ରିକେଟର ୨୦ ତାରିଖରେ ଉଦ୍‌ଘାଟନୀ ସମାରୋହ ଏବଂ ଲୋଗୋ ଉନ୍ମୋଚନ ହେବ ବୋଲି ଉପସଭାପତି ବି. ସତ୍ୟନାରାୟଣ ରାଓ କହିଛନ୍ତି। କୋଷାଧକ୍ଷ ସତ୍ୟା ରାଓଙ୍କ ସୂଚନା ଅନୁସାରେ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ମୋଟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସତ୍ୟନାରାୟଣ ମହାଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ମିଶ୍ର ଏବଂ ନରସିଂହ ତରିଆ ମଧ ଉପସ୍ଥିତ ଥିଲେ। ତେବେ ପ୍ରଥମ ଥର ପାଇଁ ଖେଳାଳି ତଥା ଦର୍ଶକ ମାନେ ଟ'ର୍ ପିଚ୍ ସହ ଗ୍ରାସି ଗ୍ରାଉଣ୍ଡରେ ଖେଳର ମଜା ନେବେ।

# ‘ହ୍ୟୁମାନ୍ ରାଇଟ୍ସ’ ନାଁରେ ଅପରାଧିକ ସାମ୍ରାଜ୍ୟ

ରାଉରକେଲା, ୧୪ା୧(ସମିସ)


ଫାଇଲ୍ ଫଟୋ

ହ୍ୟୁମାନ ରାଇଟ୍ସ (ମାନବିକ ଅଧିକାର) ସଂସ୍ଥା ଓ ସାମ୍ବାଦିକ ନାଁରେ ସମାଜରେ ଅପରାଧିକ ସାମ୍ରାଜ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେବେଳେ କାହାକୁ ଧମକ ଦିଆଯାଉଛି ତ ଆଉ କେତେବେଳେ ଟଙ୍କା ହଡ଼ପ ଓ ଠକେଇ କରାଯାଉଛି। ଗତବର୍ଷରୁ ଏଭଳି ଚାଲିଆସୁଥିବା ବେଳେ ଆଜିଯାଏଁ ପୁଲିସ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା କୁହାଯାଇଛି। ଫଳରେ ହ୍ୟୁମାନ ରାଇଟ୍ସ ଓ ସାମ୍ବାଦିକ ବୃତ୍ତିର ସମ୍ମାନ ଓ ଭରସା ସମାଜରେ ଦିନକୁ ଦିନ ନିମ୍ନଗାମୀ ହେଉଥିବା ଅଭିଯୋଗ ହୋଇଛି।

ଗତ ଜାନୁଆରୀ ୧୦ ତାରିଖ ବର୍ତ୍ତମାନର ହ୍ୟୁମାନ ରାଇଟ୍ସ ଜିଲ୍ଲା ସଭାପତି ଏମ୍‌ଡି ପରବେଜ୍ ଏବଂ ତାଙ୍କ ସହଯୋଗୀ ନିଜକୁ ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟ୍ସ ଡିଫେଣ୍ଡର୍ସ ପରିଚୟ ଦେବା ସହ ପରିଚୟପତ୍ର ଦେଖାଇ ଟ୍ରକ୍ ଚାଳକମାନଙ୍କୁ ଧମକଚମକ ଦେଇଥିଲେ। ବିନା ଟେଣ୍ଡରରେ ବାଲି ଚାଲାଣ ହେଉଥିବାରୁ ଏଥିପାଇଁ ଜରିମାନା ଏବଂ ଚାଲାଣ କାଟିବାକୁ ଧମକ ଦେଇଥିଲେ। ଏପରିକି ଚାଲାଣ ତଥା ଜରିମାନା ନାଁରେ ପ୍ରତ୍ୟେକ ଟ୍ରକ ପିଛା ୨ଲକ୍ଷ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଖବର ପାଇ ଲାଠିକଟା ଥାନା ପୁଲିସ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା। ପୂର୍ବରୁ ମଧ୍ୟ ଠିକ ଏହିଭଳି ଢଙ୍ଗରେ କିଛିମାସ ତଳେ ଏହି ଦୁର୍ବୃତ୍ତ ଦ୍ୱୟ ରାଜଗାଙ୍ଗପୁର ଥାନା ଅଞ୍ଚଳ ଇଟାଭାଟି ଏବଂ ବିଶ୍ରା, ବନ୍ଧମୁଣ୍ଡା ଥାନା ଅଞ୍ଚଳ ଚିପ୍ସ ବୋଲ୍ଡର ଖଣିଖାଦାନ ଅଞ୍ଚଳରୁ ଅନେକ ଥର ଦାଦାବଟି ଆଦାୟ କରୁଥିବା ସମୟରେ ଧରାପଡ଼ି ଏକାଧିକବାର ଜେଲ ଯାଇଥିବା ନଜିର ରହିଛି। ସେହିପରି ରାଉରକେଲାରୁ ବନ୍ଧମୁଣ୍ଡା ଯିବା ରାସ୍ତା କଡ଼ରେ ଥିବା ଫଟାପାଇପ ନିକଟରେ ଛକିରହି ସେମାନେ ଇସ୍ପାତ କାରଖାନାର ଜଣେ କର୍ମଚାରୀଙ୍କଠାରୁ ଲୁଟ୍ ଯୋଜନା କରୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲେ। ସେତେବେଳେ ସେମାନଙ୍କ ପାଖରୁ ଅନେକ ମାରଣାସ୍ତ୍ର ସମେତ ବହୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ସେମାନଙ୍କ ନାମରେ ୨୦ରୁ ଉର୍ଦ୍ଧ୍ୱ ଡକାୟତି, ଛିନତାଇ ଗୁଣ୍ଡାଗର୍ଦ୍ଦି, ମାରପିଟ ଭଳି ମାମଲା ବିଭିନ୍ନ ଥାନାରେ ରହିଥିବା ସୂଚନା ମିଳିଛି।

ସେହିପରି ଛେଳି ବୋଝେଇ ପିକଅପ୍ ଚାଳକଙ୍କଠାରୁ ଦାଦାବଟି ଆଦାୟ କରିବା ଅଭିଯୋଗରେ ରଘୁନାଥପାଲି ଥାନା ପୁଲିସ ଗତବର୍ଷ ଅଗଷ୍ଟ ୩୦ରେ ତରକେରା ଓଲ୍ଡ କଲୋନୀ ବାସିନ୍ଦା ତଥା ହ୍ୟୁମାନ ରାଇଟ୍ସ ସଦସ୍ୟ ବିଶ୍ୱଜିତ୍ ମଲ୍ଲିକ (୩୭)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ଅଗଷ୍ଟ ୨୭ ତାରିଖ ସକାଳ ୯ଟାରେ ବାଲିଘାଟଠାରେ ବ୍ରେକଡାଉନ୍ ହୋଇଥିବା ଏକ ଛେଳି ବୋଝେଇ ବୋଲେରୋ ପିକଅପ୍ ଭ୍ୟାନର ଚାଳକ ଏମଡି ଅସଲମଙ୍କୁ ପଶୁ ଚାଲାଣ ଆଇନର ଖିଲାପ ନେଇ ବିଭିନ୍ନ ଧମକଚମକ ଦେଇ ବିଶ୍ୱଜିତ୍ ଘଟଣାସ୍ଥଳରେ ପହଞ୍ଚି ନିଜକୁ ଜଣେ ସାମ୍ବାଦିକ ଓ ହ୍ୟୁମାନ ରାଇଟ୍ସ ସଦସ୍ୟ ପରିଚୟ ଦେବା ସହ ଆଇଡି କାର୍ଡ ଦେଖାଇଥିଲା। ପରେ ଚାଳକଙ୍କଠାରୁ ୫ ହଜାର ଟଙ୍କା ବଟି ନେଇଥିଲା। ଏହାସହ ଛେଳିଗୁଡ଼ିକୁ ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବାଣ୍ଟି ଦେଇଥିଲା।

ଏନେଇ ଅସଲମ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଗଷ୍ଟ ୩୦ ତାରିଖ ବିଶ୍ୱଜିତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଶ୍ୱଜିତ୍ ହ୍ୟୁମାନ ରାଇଟ ନାମରେ ନକଲି କାଗଜପତ୍ର, ଆଇଡି କାର୍ଡ ତିଆରି କରି ନିଜକୁ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ ସେଲ ସଦସ୍ୟ ଓ ସାମ୍ବାଦିକ ପରିଚୟ ଦେଇ ନିଜ ଅପରାଧ ସାମ୍ରାଜ୍ୟ ବିସ୍ତାର କରି ଆସୁଥିଲା। ଏହା ପୂର୍ବରୁ ପ୍ରାୟ ୫ ବର୍ଷ ପୂର୍ବେ ଯୁବତୀ ଚାଲାଣ ଅଭିଯୋଗରେ ରଘୁନାଥପାଲି ଥାନା ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ସେ ପ୍ରାୟ ୪ ବର୍ଷ ଜେଲରେ ରହିଥିଲା। ସେତେବେଳେ ସେ ଯୁବତୀ ଓ ମହିଳାଙ୍କୁ ଟଙ୍କା ଓ ଭଲ ଦରମାରେ ଚାକିରି କରାଇଦେବାକୁ ପ୍ରଲୋଭନ ଦେଖାଇ ସେମାନଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲା। ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ରେକର୍ଡ କରି ବ୍ଲାକମେଲ କରି ଟଙ୍କା ଆଦାୟ କରୁଥିଲା। ଏହାସହ ସାଉଦି ଆରବରେ ନେଇ ବିକ୍ରି କରି ଦେଉଥିଲା। ଏହି ଘଟଣାରେ ଫସିଥିବା ଦୁଇ ଯୁବତୀ କୌଶଳ କ୍ରମେ ରାଉରକେଲା ଫେରିଆସିବା ପରେ ସମସ୍ତ କଥା ଲୋକଲୋଚନକୁ ଆସିଥିଲା। ସେହିପରି ଗତ ଜୁଲାଇ ୬ରେ ରାଜଗାଙ୍ଗପୁର ଅଞ୍ଚଳର ପ୍ରେମଚାନ୍ଦ ଅଗ୍ରୱାଲଙ୍କଠାରୁ ଏକ ଲକ୍ଷ ଟଙ୍କା ଠକି ନେଇଥିଲା। ଏହି ଟଙ୍କା ଫେରସ୍ତ କରିବାକୁ ଅଗ୍ରୱାଲ କହିବା ପରେ ଗାଡ଼ି ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିଲା। ଏନେଇ ଅଗ୍ରୱାଲ ଉଦିତନଗର ଥାନାରେ ଅଭିଯୋଗ କରିଥିଲେ।

ସେହିପରି ବିଶ୍ୱଜିତ୍ ନାଁରେ ପୂର୍ବରୁ ଅନେକ ଠକେଇ ମାମଲା ରହିଛି। ଯଦି ଏହାର କିଏ ବିରୋଧ କରୁଛି ତେବେ ସେ ମାନହାନି ମୋକଦ୍ଦମା କରିବାକୁ ଧମକ ଦେଉଛି। ଫଳରେ ଅନେକ ଠକେଇର ଶିକାର ହୋଇଥିବା ବ୍ୟକ୍ତି ଚୁପ୍ ରହୁଛନ୍ତି। ସେ କିଛି ଯୁବତୀ, ମହିଳା ଓ ଯୁବକଙ୍କୁ ନେଇ ଜାଲ୍ କାଗଜପତ୍ର ଜରିଆରେ ନିଜ ଅପରାଧ ସାମ୍ରାଜ୍ୟ ଚଳାଇ ଆସୁଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ଉକ୍ତ ସଂସ୍ଥା କେବଳ ଅପରାଧିକ କାର୍ଯ୍ୟକଳାପ ବିସ୍ତାର କରୁଥିବା କହିଲେ ଅତ୍ୟୁକ୍ତି ହେବନି। ଅନ୍ୟପଟେ ବାରମ୍ବାର ସଂସ୍ଥା ଏଭଳି ଅପରାଧ କରି ଆସୁଥିବା ବେଳେ ପୁଲିସ ଆଜିଯାଏଁ କ’ଣ ପାଇଁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ



**ବଣାଇଁ, ୧୪ା୧(ସମିସ):** ବଣାଇଁ ଜଗନ୍ନାଥପୁରର ସାମ୍ବାଦିକ ସତ୍ୟନାରାୟଣ ମିଶ୍ରଙ୍କ ପିତା ଈଶ୍ୱର ଚନ୍ଦ୍ର ମିଶ୍ରଙ୍କ ୭୮ବର୍ଷ ବୟସରେ ରବିବାର ସକାଳ ୫ଟାରେ ବଣାଇଁ ସରକାରୀ ଡାକ୍ତରଖାନାରେ ପରଲୋକ ହୋଇଛି। ସେ ବଣାଇଁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟକରି ଚାକିରିରୁ ଅବସର ନେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ସତ୍ୟନାରାୟଣ ମିଶ୍ର, ବୋହୂ, ଝିଅ, ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ସମଗ୍ର ବଣାଇଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ସତ୍ୟନାରାୟଣ ମୁଖାଗ୍ନି ଦେଇଥିଲେ।

## ଗୁରୁ ଗୋବିନ୍ଦ ସିଂଙ୍କ ପ୍ରକାଶ ପର୍ବ ପାଳିତ



**ରାଉରକେଲା, ୧୪ା୧(ସମିସ):** ଶିଖ ଧର୍ମାବଲମ୍ବୀଙ୍କ ଧର୍ମଗୁରୁ ଗୁରୁ ଗୋବିନ୍ଦ ସିଂଙ୍କ ପ୍ରକାଶ ଉପଲକ୍ଷେ ରାଉରକେଲା ସହର ସେକ୍ଟର-୧୮ ଗୁରୁଦ୍ୱାରା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଶିଖ ଧର୍ମାବଲମ୍ବୀଙ୍କ ଦ୍ୱାରା ଗୁରୁଦ୍ୱାରାରୁ ବିରାଟ ଶୋଭାଯାତ୍ରା ବାହାରି ସେକ୍ଟର-୧୮ ଡେଲି ମାର୍କେଟ, ସେକ୍ଟର-୧୯ ସାରଳା ମନ୍ଦିର ଛକ, ଆମ୍ବବାଗାନ ଛକ, ଭଞ୍ଜଭବନ ଛକ, ସେକ୍ଟର-୭/୧୭ ଛକ, ସେକ୍ଟର-୧୭ ଓ ସେକ୍ଟର-୧୬ ଦେଇ ଇସ୍ପାତ ଗୁରୁଦ୍ୱାରାରେ ସମାପନ ହୋଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଭଜନକୀର୍ତ୍ତନ ଓ ପ୍ରାର୍ଥନା କାର୍ଯ୍ୟକ୍ରମରେ ସମିଲ ହୋଇଥିଲେ।

## ‘ଜୀବନଧାରା’ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର




**ରାଉରକେଲା, ୧୪ା୧(ସମିସ):** ‘ରକ୍ତଦାନ କରିବା ଓ ବିଶ୍ୱର ସ୍ପନ୍ଦନକୁ ଚାଲୁ ରଖିବା’ ଏହି ଉକ୍ତିକୁ ଅନୁସରଣ କରି ମାନବିକତା ପରିବାର ତରଫରୁ ନିରନ୍ତର ଭାବେ ପ୍ରତି ଶନିବାର ରକ୍ତଦାନ ଶିବିର ଆୟୋଜିତ ହୋଇଆସୁଛି। ସପ୍ତମ ପର୍ଯ୍ୟାୟ ‘ଜୀବନଧାରା’ ରକ୍ତଦାନ ଶିବିର ସେକ୍ଟର-୧୪ ମାର୍କେଟରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଯୁବନେତା ବିକାଶ ବେହୁରିଆଙ୍କ ପୃଷ୍ଠପୋଷକତା ଓ ହେମନ୍ତ ସେଠୀ ଏବଂ ସୁବାସ କଂସାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ମାନବିକତା ପରିବାର ଅଧ୍ୟକ୍ଷ ତଥା ରଘୁନାଥପଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଉଦଘାଟନ କରିଥିଲେ। ମାସର ପ୍ରତ୍ୟେକ ଶନିବାର ରକ୍ତ ସଂଗ୍ରହ କରି ଅତିକମରେ ୧୦୦ ୟୁନିଟ୍ ରକ୍ତ ରାଉରକେଲା ସରକାରୀ ଡାକ୍ତରଖାନାକୁ ପ୍ରଦାନ କରାଯିବା ନେଇ ମାନବିକତା ପରିବାର ସଂକଳ୍ପବଦ୍ଧ ଓ ତାହା କାର୍ଯ୍ୟକାରୀ କରିବାରେ ପ୍ରଚେଷ୍ଟା ଜାରି ରହିଛି ବୋଲି ଏହି ଅବସରରେ ସେଠୀ କହିଥିଲେ। ଶିବିରରେ ମୋଟ ୨୧ ୟୁନିଟ ରକ୍ତ ସଂଗୃହୀତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାକୁ ପ୍ରଦାନ କରାଯାଇଛି। ଏହା ସହର ସମେତ ଆଖପାଖ ଏବଂ ବାହାରୁ ଆସୁଥିବା ରୋଗୀଙ୍କ ରକ୍ତ ଆବଶ୍ୟକତା ପୂରଣ କରିବାରେ କିଛି ମାତ୍ରାରେ ସହାୟ ହେବ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜାରି ରଖିବାକୁ ସେଠୀ ସଦସ୍ୟମାନଙ୍କୁ ଆହ୍ୱାନ କରିଥିଲେ। ଡ. ଏସି ମଲ୍ଲ, ପଙ୍କଜ ପାଲଟାସିଂ, ଦେବାଶିଷ ମଲ୍ଲିକ, ସୁରେନ୍ଦ୍ର ମହନ୍ତ, କବି ନାୟକ, ବାବୁ ମହାନ୍ତି, ସରୋଜ ନାୟକ, ବିଶ୍ୱରଞ୍ଜନ ରାଉତ, ସୋନୁ ସିଂ, ପ୍ରତାପ ସିଂ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

■ ମା’ ସମଲେଇ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସର୍ଗିପାଲିକୁ ହରାଇ ମନୋହରପୁର ଚାମ୍ପିଅନ



**ସୁନ୍ଦରଗଡ଼, ୧୪ା୧(ସମିସ):** ଲେଫ୍ରିପଡ଼ା ବ୍ଲକ ସର୍ଗିପାଲି ମା’ ସମଲେଇ କ୍ଲବ୍ ଦ୍ୱାରା ଜାନୁଆରୀ ୧୦ରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ମନୋହରପୁର ଦଳ ମା’ ସମଲେଇ କ୍ରିକେଟ କ୍ଲବକୁ ହରାଇ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସର୍ଗିପାଲି ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨୪ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ୧୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ମନୋହରପୁରର ବିମଲ, ଶ୍ରେଷ୍ଠ ବ୍ୟାଟର ଭାବେ ସୁଶାନ୍ତ, ମ୍ୟାନ ଅଫ ଦ ସିରିଜ ଭାବେ ପ୍ରକାଶ, ଶ୍ରେଷ୍ଠ ବୋଲର ଭାବେ ସର୍ଗିପାଲିର ରିଙ୍କୁ, ଶ୍ରେଷ୍ଠ ଫିଲ୍ଡର ଭାବେ କ୍ରିଷ୍ଣା ଏବଂ ଶ୍ରେଷ୍ଠ ୱିକେଟ କିପର ଭାବେ ରୋଶନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶାଲ ନାଏକ, ଦୀପକ ନାଏକ, ସୂରଜ ଅଗ୍ରୱାଲ, ତରୁଣ ସିଂହ, ସୁନିତ ବାରିକ ଓ ସଞ୍ଜିତ ତନ୍ତୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବ୍ କର୍ମକର୍ତ୍ତା ଅମିତ ପଟେଲ, ରାମୁ ଧୂଆ, ସୁମନ ବଡ଼େକ, ବିନୟ ଗଞ୍ଜୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।

## ଯୁବତୀଙ୍କଠାରୁ ସୁନାଚେନ୍ ଲୁଟ୍

**ରାଉରକେଲା, ୧୪ା୧(ସମିସ):** ଜଣେ ଯୁବତୀଙ୍କଠାରୁ ସୁନାଚେନ ଲୁଟ୍ ହୋଇଥିବା ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବନ୍ଧମୁଣ୍ଡା ଅଞ୍ଚଳର ଜଣେ ଯୁବତୀ ଓ ତାଙ୍କ ମାଆ ପରିବା କିଣିବାକୁ ଶନିବାର ଅପରାହ୍ନରେ ଟ୍ରାଫିକ ଗେଟ ମାର୍କେଟକୁ ଆସିଥିଲେ। ନିକଟସ୍ଥ ପାର୍କିଂରେ ସ୍କୁଟି ରଖି ପରିବା କିଣିବାକୁ ଯାଇଥିଲେ। କାମ ସାରି ଯୁବତୀ ପାର୍କିଂରୁ ସ୍କୁଟି ବାହାର କରୁଥିବା ବେଳେ ଏକ ବାଇକ ଯୋଗେ ଦୁଇ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନାଚେନ ଲୁଟ୍‌କରି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳ ଜନଗହଳିପୂର୍ଣ୍ଣ ହୋଇଥିବା ବେଳେ ସ୍ପଷ୍ଟ ଦିବାଲୋକରେ ଲୁଟେରାଙ୍କ ଉତ୍ପାତ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମାମଲାରେ ପୁଲିସ କାହାରିକୁ ଧରିବାରେ ସକ୍ଷମ ହୋଇନି। କେତେଦିନ ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଧରିବ ତାହା ଦେଖିବା ବାକି ରହିଲା।

## ମକର ସଂକ୍ରାନ୍ତି ଉପଲକ୍ଷେ କମ୍ବଳ ବଣ୍ଟନ



**ରାଜଗାଙ୍ଗପୁର, ୧୪ା୧(ସମିସ):** ରାଜଗାଙ୍ଗପୁର ପୌରପାଳିକା ୱାର୍ଡ ନଂ-୭ କାଉନସିଲରଙ୍କ ତତ୍ତ୍ୱାବଧାନରେ ରାଜଗାଙ୍ଗପୁର ତହସିଲ ଅଫିସ ନିକଟ ବାବା ଆଖଣ୍ଡଳମଣି ମନ୍ଦିରରେ ଅସହାୟ, ଗରିବଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବର୍ତ୍ତମାନ ସମଗ୍ର ଓଡ଼ିଶାରେ ଶୀତ ଲହରୀ ଜାରି ରହିଛି। ଶୀତ ଯୋଗୁଁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ୱାର୍ଡ ନଂ୭ରେ ବାସ କରୁଥିବା ୨ ଶହ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ କାଉନସିଲର ଗୋବର୍ଦ୍ଧନ ତନ୍ତୀ, ଆନନ୍ଦ ମୁଣ୍ଡା, ରାଜେଶ, ମଦନ ରାଉତ, ଗୌତମ ମହାରଥୀ, ଦୀନେଶ ହାତୀ, ଅମନ ଛତ୍ରୀ, କୁନାଲଙ୍କ ସମେତ ମିଶନଶକ୍ତି ମା’ ଲକ୍ଷ୍ମୀ ଏସଏଚଜି ସଦସ୍ୟା ଉପସ୍ଥିତ ଥିଲେ।

## ମାନସ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ



**ରାଉରକେଲା, ୧୪ା୧(ସମିସ):** ଜାନୁଆରୀ ୨୨ ତାରିଖ ଅଯୋଧ୍ୟାରେ ରାମ ମନ୍ଦିର ଓ ପ୍ରଭୁ ଶ୍ରୀରାମଙ୍କ ପ୍ରତିମାର ପ୍ରାଣପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଦେଶର ସମସ୍ତ ମନ୍ଦିରରେ ସଫେଇ ଅଭିଯାନ ଜାରି ରହିଛି। ଏହି କ୍ରମରେ ସ୍ଥାନୀୟ ହନୁମାନ ବାଟିକାସ୍ଥିତ ମାନସ ମନ୍ଦିର ପରିସର ସଫେଇ କରାଯାଇଛି। ମାନସ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ୨୧ ତାରିଖ ରାମାୟଣ ପାଠ ଓ ୨୨ରେ ୨୧ ଶହ ଦୀପ ଅର୍ପଣ କରାଯିବ ବୋଲି ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ପରିଷଦ ସଭାପତି ସିୟାକାନ୍ତ ସିଂ, ସମ୍ପାଦକ ରାଜକୁମାର ଶୁକ୍ଲା, ଉପ ସଭାପତି ବେଦପ୍ରକାଶ ତିୱାରୀ, ଜିଏନ୍ ଶ୍ରୀବାସ୍ତବ, ଓପି ସିଂ, ଗିରୀଶ ଚନ୍ଦ୍ର ତ୍ରିବେଦୀ, ଲବକୁଶ ପ୍ରମୁଖ ସାମିଲ ହୋଇଥିଲେ।

## ବ୍ରାହ୍ମଣ ସମାଜର ୩୨ତମ ବୈଠକ



**ସୁନ୍ଦରଗଡ଼, ୧୪ା୧(ସମିସ):** କୁରୁମକେଲଠାରେ ବ୍ରାହ୍ମଣ ସମାଜର ୩୨ତମ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମେ ଶ୍ରୀ ଶ୍ରୀ ପର୍ଶୁରାମ ଭଗବାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବୈଠକରେ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ବିକାଶ ନିମନ୍ତେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥି ସକାଶେ ଏକ ୭ ଜଣିଆ ସ୍ୱତନ୍ତ୍ର କମିଟି ମଧ୍ୟ ଗଠିତ ହୋଇଥିଲା। ୫ ଜଣ ବରିଷ୍ଠ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସମାଜର ସଭାପତି ହରିହର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଉପସଭାପତି ଅଖିଳ ମିଶ୍ର, ସମ୍ପାଦକ ଡିଲେଶ୍ୱର ଦାଶ, କୋଷାଧ୍ୟକ୍ଷ ବିପିନ ମିଶ୍ରଙ୍କ ସମେତ ରଜନୀ ଆଚାର୍ଯ୍ୟ, ଟେକଚାନ୍ଦ ଦାଶ, ରାଜେନ୍ଦ୍ର ଶତପଥୀ, ନିଖିଳ ମିଶ୍ର, ରୋହିତ ଦାଶ, ରାଜେନ୍ଦ୍ର ଶତପଥୀ, ଶ୍ରୀକାନ୍ତ ନନ୍ଦ, ଜଗଦାନନ୍ଦ ଦାଶ, ଆନନ୍ଦ ହୋତା, ଜିତେନ୍ଦ୍ର ପଣ୍ଡା ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ହେମନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସେକ୍ଟର-୭ରେ ‘ଆସ ବସ୍ତିକୁ ଯିବା ଅଭିଯାନ’



**ରାଉରକେଲା, ୧୪ା୧(ସମିସ):** ‘ଆସ ବସ୍ତିକୁ ଯିବା ଅଭିଯାନ’ ଅନ୍ତର୍ଗତ ରଘୁନାଥପାଲି ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ରବିବାର ସ୍ଥାନୀୟ ସେକ୍ଟର-୭ ନନା ବସ୍ତି ଅଞ୍ଚଳ ପରିଦର୍ଶନ କରିଥିଲେ। ଏଠିକାର ମୁଖ୍ୟ ସମସ୍ୟା ଡ୍ରେନ ସମସ୍ୟା ବୋଲି ଅଞ୍ଚଳବାସୀ ତାଙ୍କୁ ଅବଗତ କରାଇଥିଲେ। ଏ ବାବଦରେ ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବସ୍ତିର ଅନେକ ହିତାଧିକାରୀଙ୍କ ରାସନ କାର୍ଡ ଥାଇ ମଧ୍ୟ ସେମାନେ ରାସନ ପାଇବାରୁ ବଞ୍ଚିତ ହେଉଛନ୍ତି। ଭତ୍ତା କାର୍ଡ ଥାଇ ମଧ୍ୟ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରୀ ସ୍ତରରେ ଆଲୋଚନା କରାଯାଇ ସେମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଭୂତି ପରିଡ଼ା, ପଙ୍କଜ ଜେନା, ସରୋଜ ନାୟକ, ବିଶ୍ୱରଞ୍ଜନ ରାଉତ, ଦେବବ୍ରତ ନାୟକ, ଜିତେନ୍ ମାଛଖଣ୍ଡ ଓ ସୌମ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

● ଅଲ୍ ଇଣ୍ଡିଆ ନକଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଟାଇ ବ୍ରେକରରେ ରୟାଲ କ୍ଲବ ବିଜୟୀ

ରାଉରକେଲା, ୧୪ା୧(ସମିସ)




ବନ୍ଧମୁଣ୍ଡାସ୍ଥିତ ଜୟହିନ୍ଦ୍ କ୍ଲବ୍ ପକ୍ଷରୁ ପ୍ରଥମ ବାବୁଲି ରାଉତରାୟ ମେମୋରିଆଲ ଅଲ୍ ଇଣ୍ଡିଆ ନକଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ବବଲୁ ବ୍ରଦର୍ସ ଓ ବନ୍ଧମୁଣ୍ଡା ରୟାଲ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା। ଟାଇବ୍ରେକରରେ ରୟାଲ କ୍ଲବ୍ ୨-୧ ଗୋଲରେ ବିଜୟୀ ହୋଇଛି। ସୁରେଶ କୁମାର, ରୋଶନ ଖାନ, ନିତ୍ୟାନନ୍ଦ ମେହେର, ଲକ୍ଷ୍ମଣ ସେଠ୍, କିଶନ ଦାସ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ହରିୟାଣା ନାଗରିକ ସଂଘ ସଭାପତି ନରେଶ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସୁପରିନଟେଣ୍ଡେଣ୍ଟ ଇଞ୍ଜିନିୟର ମନୋଜ କୁମାର ମହାନନ୍ଦ, ସମାଜସେବୀ ଦିଲେଶ୍ୱର ପାଲ, ରତନ କୁମାର ସ, ହାଜି ଅକଲାକ ଆଲମ୍ ସିଦ୍ଦିକି, ରେଳ ଅଧିକାରୀ ଏସଡିଏମ୍. ଖୁସବାହା, ଶିକ୍ଷକ ମନୋଜ କୁମାର ସାମଲ, ବିଶ୍ରା କଲେଜ ଅଧ୍ୟକ୍ଷ କ୍ଷୀରୋଧ କୁମାର ବରାଳ, ସମାଜସେବୀ ସତୁ ମୁଦଲିୟାର, ସବିତା ରାଉତରାୟ, ସପନା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ବିଜେତା ଦଳକୁ ୬୦ ହଜାର ଟଙ୍କା, ଉପ ବିଜେତା ଦଳକୁ ୪୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ରାହୁଲ ମୁଣ୍ଡା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କ୍ଲବ୍ ଅଧ୍ୟକ୍ଷ ନଗେସ ଜଗଦଲା, ସଭାପତି ସନ୍ତୋଷ କୁମାର ଦାସ, ଉପ ସଭାପତି ରାଜା ଚୌଧୁରୀ, କୋଟେଶ ପାତ୍ର, ଶୁଭମ ତନ୍ତୀ, ରାଜୀବ ତନ୍ତୀ, ତପନ ନାଗ, ଅନମୋଲ ପୋଦ୍ଦାର, କାନ୍ତି ଗୋପ, କୁନ୍ଦନ ତନ୍ତୀ, ଅବିନାଶ ଯାଦବ, ଚୂଡ଼ାମଣି ତନ୍ତୀ ପ୍ରମୁଖ ସହଯୋଗ କରିଥିଲେ।

## ଆଜିର ଇତିହାସ

- ୧୭୮୪- ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍‌ର ସ୍ଥାପନା।
- ୧୯୩୪- ବିହାରରେ ଭୂମିକମ୍ପ ଯୋଗୁଁ ପାଖାପାଖି ୨୦ ହଜାର ଲୋକଙ୍କ ମୃତ୍ୟୁ।
- ୧୯୫୬-ବହୁଜନ ସମାଜ ପାର୍ଟିର ଅଧ୍ୟକ୍ଷା ମାୟାବତୀଙ୍କ ଜନ୍ମ।
- ୧୯୬୫- ଭାରତୀୟ ଖାଦ୍ୟ ନିଗମର ସ୍ଥାପନା।
- ୧୯୯୮- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲ୍‌ଜାରି ଲାଲ୍ ନନ୍ଦାଙ୍କ ଦେହାନ୍ତ।
- ୨୦୧୩-ସିରିଆର ଏକ ବିଶ୍ୱବିଦ୍ୟାଳୟ ଉପରେ ରକେଟ୍ ଆକ୍ରମଣ ଯୋଗୁଁ ପାଖାପାଖି ୮୩ ଲୋକଙ୍କ ମୃତ୍ୟୁ ସହ ୧୫୦ ଆହତ ହୋଇଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ନୂତନ ବ୍ୟସାୟ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ବନ୍ଧୁ ସାକ୍ଷାତ ଯୋଗ ରହିଛି।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ସହଯୋଗ ପାଇବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପୁରୁଣା ବନ୍ଧୁ ମିଳନ ହେବ। ରାଜନୀତିରେ ସକ୍ରିୟ ରହିବେ।

**ମିଥୁନ:** ଅଭିଭାବକମାନେ ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଅଚାନକ ଖୁସି ଖବର ମିଳିପାରେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟାରମ୍ଭ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଦୀର୍ଘଦିନରୁ ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ।

**ସିଂହ:** ପାରିବାରିକ କଳହ ଲାଗି ରହିବ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାମ୍ପତ୍ୟଜୀବନ ମଧୁମୟ ହେବ। ଦାନ ଧର୍ମ କରିବେ। ପୁରୁଣା ବନ୍ଧୁଙ୍କ ସହ ଦୂରସ୍ଥାନ ଯାତ୍ରା କରିପାରନ୍ତି।

**କନ୍ୟା:** ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ। ଉଧାର ଟଙ୍କା ଫେରିପାଇବାରେ ବିଳମ୍ବ ଘଟିବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ଜମି କ୍ରୟ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅତିଥି ସତ୍କାର କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ।

**ଧନୁ:** ଛାତ୍ରଛାତ୍ରୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ସହ ସମୟ ବିତାଇବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କୁମ୍ଭ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ପାରିବାରିକ କଳହ ଲାଗି ରହିବ।

**ମୀନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପାରିବାରିକ ଜୀବନ ସୁଖମୟ ହେବ। ଦୂର ସ୍ଥାନକୁ ଯାତ୍ରା କରିବେ। ମଧୁର ବଚନ କହି ଲୋକଙ୍କ ଆଦର ମିଳିବ। ମହିଳାମାନେ ହସଖୁସିରେ ସମୟ ବିତାଇବେ।

## ଭାରତୀୟ ସେନା ଦିବସ



ଭାରତୀୟ ସେନାର ପରାକାଷ୍ଠା ଓ ପରାକ୍ରମର ସମ୍ମାନ ପାଇଁ ପ୍ରତିବର୍ଷ ଜାନୁଆରୀ ୧୫କୁ ସ୍ଥଳସେନା ଦିବସ ରୂପେ ପାଳନ କରାଯାଏ । ୧୯୪୯ ମସିହା ଆଜିର ଦିନରେ ଭାରତର ଶେଷ ବ୍ରିଟିଶ କମାଣ୍ଡର ଇନ୍ ଚିଫ୍ ସାର୍ ଫ୍ରାନସିସ୍ ବୁଚରଙ୍କଠାରୁ ଭାରତର ଫିଲ୍ଡ ମାର୍ଶଲ କେ. ଏମ୍. କରିୟପ୍ପା ଦାୟିତ୍ୱ ଗ୍ରହଣ କରିଥିଲେ । କରିୟପ୍ପା ଥିଲେ ଭାରତୀୟ ସେନାର ପ୍ରଥମ କମାଣ୍ଡର ଇନ୍ ଚିଫ୍ । କରିଆପ୍ପା ୧୯୪୭ ମସିହାରେ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧରେ ତାଙ୍କର ଅଦମ୍ୟ ସାହସ ଓ ବଳିଷ୍ଠ ନେତୃତ୍ୱର ପରିଚୟ ଦେଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ଜୋଜିଲା, ଦ୍ରାସ ଓ କାରଗିଲରେ ପାକିସ୍ତାନୀ ସେନାଙ୍କୁ ହରାଇଥିଲା। ସେନା ଦିବସ ଅବସରରେ ଦେଶ ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ଆଜି ଦେଶବ୍ୟାପୀ ବିଭିନ୍ନ ସେନା ଶିବିରରେ ଏହି ଦିବସ ପାଳନ କରାଯାଉଛି। ସବୁଠି ସହିଦଙ୍କୁ ମନେ ପକାଇ ସେମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

## 'ଦେବରା'ର ପ୍ରଥମ ଝଲକ୍



ଉଗ୍ରରୂପରେ ଜୁନିୟର୍ ଏନ୍‌ଟିଆର୍

ସାଉଥ୍‌ର ଲୋକପ୍ରିୟ ଅଭିନେତା ଜୁନିୟର୍ ଏନ୍‌ଟିଆର୍ 'ଆର୍‌ଆର୍‌ଆର୍'ର ସଫଳତା ପରେ ଏବେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇଯାଇଛନ୍ତି। ଇତିମଧ୍ୟରେ ତାଙ୍କର ଆଗାମୀ ଫିଲ୍ମ 'ଦେବରା'ର ପ୍ରଥମ ପାର୍ଟର ଝଲକ୍ ସାମ୍ନାକୁ ଆସିଛି। ସୋସିଆଲ ମିଡିଆରେ ଏହା ରିଲିଜ୍ ହେବା ମାତ୍ରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଏକ ମିନିଟ୍ ୨୯ ସେକେଣ୍ଡର ଏହି ଭିଡିଓରେ ଭରପୂର ଆକ୍ସନ୍ ସିନ୍ ରହିଛି। ଜୁନିୟର୍ ଏନ୍‌ଟିଆର୍ ଏଥିରେ ଭୟାନକ ଅନ୍ଦାଜରେ ଦେଖାଯାଇଛନ୍ତି। ସେ ଏକ ସାର୍ଟ ଓ ଲୁଙ୍ଗି ପିନ୍ଧି ହାତରେ ଏକ ଛୋଟ କୁରାଢ଼ି ଓ ମାରଣାସ୍ତ୍ର ଧରି ଶତ୍ରୁମାନଙ୍କ ସହିତ ଲଢୁଥିବାର ଦେଖାଯାଇଛନ୍ତି। ଭିଡିଓର ଶେଷ ଆଡ଼କୁ ଜୁନିୟର୍ ଏନ୍‌ଟିଆର୍ ' ଏହି ସମୁଦ୍ରରେ ମାଛ ଅପେକ୍ଷା ବେଶୀ ରକ୍ତ ଓ ଅସ୍ତ୍ର ଦେଖାଯାଉଛି' ବୋଲି କହୁଥିବାର ଦେଖାଯାଉଛି। ତେବେ ଭିଡିଓରେ ଥିବା ଆକ୍ସନ୍ ସିନ୍‌କୁ ଦେଖି ଦର୍ଶକେ ଏବେ ଏହାର ଟ୍ରେଲର୍ ଓ ଟିଜର୍ ଅପେକ୍ଷାରେ ଅଛନ୍ତି। କୋରତାଲା ଶିବା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ଫିଲ୍ମର ନାଁ 'ଏନ୍‌ଟିଆର୍-୩୦' ଥିଲା। ପରବର୍ତ୍ତୀ ସମୟରେ 'ଦେବରା' ରଖାଯାଇଥିଲା। ଏଥିରେ ସୈଫ୍ ଅଲ୍ଲୀ ଖାନ୍ ଓ ଜାହ୍ନବୀ କପୁର ମଧ୍ୟ ଦେଖାଯିବେ। ଏହା ଦୁଇଟି ଭାଗରେ ପରଦାକୁ ଆସିବ। ପ୍ରଥମ ଭାଗ ଏପ୍ରିଲ୍ ୫, ୨୦୨୪ରେ ରିଲିଜ୍‌ହେବ। ଦ୍ୱିତୀୟ ଭାଗ ପାଇଁ ତାରିଖ ଏଯାବତ୍ ଘୋଷଣା କରାଯାଇ ନାହିଁ। ଏହି ଫିଲ୍ମ ହିନ୍ଦୀ, ତାମିଲ୍, କନ୍ନଡ଼, ତେଲୁଗୁ ଓ ମାଲୟାଲମ୍ ଭାଷାରେ ରିଲିଜ୍ ହେବ।

## ଓଡ଼ିଆ ଭାଷା ସାହିତ୍ୟର ବିନ୍ଧାଣି
## ଫକୀର ମୋହନ ସେନାପତି



ଆଜି ଆସିଥିଲେ

ପ୍ରଖ୍ୟାତ ଔପନ୍ୟାସିକ, ଓଡ଼ିଆ କଥା ସାହିତ୍ୟର ଜନକ, ଭାଷା ଆନ୍ଦୋଳନର ଜାଗ୍ରତ ପ୍ରହରୀ ବ୍ୟାସକବି ଫକୀରମୋହନଙ୍କ ଆବିର୍ଭାବ ଆଧୁନିକ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଜୀବନବ୍ୟାପି ବହୁ ଅଭିଜ୍ଞତା, ଅନୁଭୂତି ଓ ଲୋକ ଚରିତ୍ରର ନିଛକ ଚିତ୍ର ତାଙ୍କ ସାରସ୍ୱତ ସୃଷ୍ଟିକୁ ସମୃଦ୍ଧ କରିପାରିଛି। ଆଜି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମ ଜୟନ୍ତୀ। ଓଡ଼ିଆ ଭାଷା ସାହିତ୍ୟକୁ ସୁରକ୍ଷା ଦେବାରେ ହେଉ କିମ୍ବା ସମାଜ ସଂସ୍କାର ଦିଗରେ ହେଉ, ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଲେଖନୀ ଶୈଳୀ ହାସ୍ୟରସପୂର୍ଣ୍ଣ କଟାକ୍ଷ ଓ ସାମାଜିକ ଦୃଶ୍ୟ ପାଇଁ ପ୍ରସିଦ୍ଧ। ତାଙ୍କର ସୃଷ୍ଟି ସମ୍ଭାର ମଧ୍ୟରୁ 'ଛମାଣ ଆଠଗୁଣ୍ଠ' ସର୍ବଶ୍ରେଷ୍ଠ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସହ ଭାଷା ଆନ୍ଦୋଳନର ଜଣେ କର୍ଣ୍ଣଧାର ଭାବେ ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ସାମାଜିକ ବ୍ୟବସ୍ଥାର ଆଲୋଚନା ସହିତ କୁସଂସ୍କାର ଦୂର କରିବା ଦିଗରେ କଥାସମ୍ରାଟଙ୍କ ଲେଖାଗୁଡ଼ିକ ମାଇଲ୍‌ଖୁଣ୍ଟ ସଦୃଶ। ଦେଢ଼ ଶହ ବର୍ଷ ଆଗରୁ ସେ ଯେଉଁ ଚରିତ୍ରମାନଙ୍କୁ ଗଢ଼ି ଦେଇ ଯାଇଛନ୍ତି, ସେମାନେ ଆଜି ମଧ୍ୟ ଭିନ୍ନ ରୂପରେ ଆମ ସମାଜରେ ଅଛନ୍ତି। 'ଛ'ମାଣ ଆଠଗୁଣ୍ଠ', 'ମାମୁଁ' ପରି ଉପନ୍ୟାସ ସହିତ 'ରେବତୀ', 'ରାଣ୍ଡିପୁଅ ଅନନ୍ତା', 'ପେଟେଣ୍ଟ ମେଡିସିନ୍' ଆଦି ତାଙ୍କର ବହୁ ଚର୍ଚ୍ଚିତ କ୍ଷୁଦ୍ରଗଳ୍ପ। ତାଙ୍କ ରଚନାରେ ତତ୍‌କାଳୀନ ସମାଜର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚିତ୍ର ପ୍ରତିଫଳିତ ହୋଇଛି। ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ପ୍ରବୀଣ ଫକୀର ମୋହନ କାବ୍ୟ ରଚନାରେ ମଧ୍ୟ ସମାନ ପରିମାଣର ପାଣ୍ଡିତ୍ୟ ଦେଖାଇଛନ୍ତି। ତାଙ୍କର ପ୍ରଥମ କବିତା ସଂଗ୍ରହ 'ଉତ୍କଳ ଭ୍ରମଣ' ୧୮୯୨ ମସିହାରେ ପ୍ରକାଶିତ ହୋଇଥିଲା। ପରେ ପରେ ସେ 'ପୁଷ୍ପମାଳା', 'ଉପହାର', 'ପୂଜାଫୁଲ', 'ପ୍ରାର୍ଥନା', 'ଧୂଳି' ଆଦି ଅନେକ କାବ୍ୟ ରଚନା କରିଛନ୍ତି। ୧୮୪୩ ମସିହା ଜାନୁଆରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ସେ ଜନ୍ମ ଲାଭ କରିଥିବାବେଳେ ୧୯୧୮ ମସିହାରେ ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତିରେ ତାଙ୍କର ପରଲୋକ ଘଟିଥିଲା। ଏହି କାରଣରୁ ତାଙ୍କୁ 'ସଂକ୍ରାନ୍ତି ପୁରୁଷ' ମଧ୍ୟ କୁହାଯାଏ। ତାଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀ ଥିଲେ। ମାତ୍ର ଦେଢ଼ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ପିତାଙ୍କ ମୃତ୍ୟୁର ୧୪ ମାସ ପରେ ତାଙ୍କ ମା' ମଧ୍ୟ ଆରପାରିକୁ ଚାଲିଗଲେ। ବାଲ୍ୟକାଳରୁ ତାଙ୍କର ଲାଳନପାଳନ ଭାର ପଡ଼ିଥିଲା ଜେଜେମା'ଙ୍କ କାନ୍ଧରେ। ପରିବାର ପ୍ରତିପୋଷଣ ନିମନ୍ତେ ଫକୀରମୋହନ ଶିଶୁ ଶ୍ରମିକଭାବେ କାମ କଲେ ସୁଦ୍ଧା ସେ ପାଠପଢ଼ାକୁ ଜାରି ରଖିଥିଲେ। ଫକୀରମୋହନ ୧୩ ବର୍ଷ ବୟସରେ ଲୀଳାବତୀ ଦେବୀଙ୍କୁ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ୧୮୭୧ରେ କୃଷ୍ଣା କୁମାରୀ ଦେଈଙ୍କୁ ପୁନଃବିବାହ କରିଥିଲେ। ତାଙ୍କର ଦ୍ୱିତୀୟ ପତ୍ନୀଙ୍କର ୧୮୯୪ରେ ହଇଜାରେ ମୃତ୍ୟୁ ହୋଇଥିଲା। ଏତେ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ସମଗ୍ର ଓଡ଼ିଆ ଜାତି ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ମାୟାଧର ମାନସିଂହ ତାଙ୍କୁ ଓଡ଼ିଶାର ଥୋମାସ୍ ହାର୍ଡି କହୁଥିଲେ। ଓଡ଼ିଆ ସାହିତ୍ୟ ଜଗତରେ ଫକୀର ମୋହନ ହେଉଛନ୍ତି ପ୍ରଥମ ଲେଖକ, ଯିଏ ନିଜ ଆତ୍ମଜୀବନୀ ଲେଖିଥିଲେ।

ଭାରତରେ ଅନେକ ମନ୍ଦିରର ଗଠନଶୈଳୀ ତଥା ବାସ୍ତୁକଳା ଅତି ଚମତ୍କାର। ଏମିତି ଏକ ଅନନ୍ୟ ଶୈବପୀଠ କର୍ଣ୍ଣାଟକର ବେଙ୍ଗାଲୁରୁରେ ରହିଛି। ଯେଉଁଠି ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ଏକ ଅଦ୍ଭୁତ ଘଟଣା ଘଟିଥାଏ। ବେଙ୍ଗାଲୁରରେ ଗବି ଗଙ୍ଗାଧରେଶ୍ୱର ନାମରେ ଏକ ପ୍ରାଚୀନ ଶୈବପୀଠ ରହିଛି। ମକରସଂକ୍ରାନ୍ତି ଦିନ ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ସୂର୍ଯ୍ୟଙ୍କ କିରଣରେ ଅଭିଷେକ ହୋଇଥାନ୍ତି। ବର୍ଷର ଅନ୍ୟ କେଉଁ ଦିନରେ ଏପରି ଚମତ୍କାରିତା ହେଉ ନ ଥିବାବେଳେ କେବଳ ମକର ସଂକ୍ରାନ୍ତି ଦିନ ହିଁ ଶିବଲିଙ୍ଗ ଉପରେ ସୂର୍ଯ୍ୟକିରଣ ଝଟକିଥାଏ। ମକରସଂକ୍ରାନ୍ତି ଦିନ ଯେତେବେଳେ ସୂର୍ଯ୍ୟଦେବ ଉତ୍ତରାୟଣ ହୋଇଥାନ୍ତି, ସେତେବେଳେ ୫ରୁ ୮ ମିନିଟ୍ ଲାଗି ଗର୍ଭଗୃହ ପର୍ଯ୍ୟନ୍ତ ସୂର୍ଯ୍ୟ କିରଣ ପହଞ୍ଚିଥାଏ। ସୂର୍ଯ୍ୟ କିରଣରେ ହିଁ ଦେବ ଦେବ ମହାଦେବଙ୍କ ଅଭିଷେକ ହୋଇଥାଏ ବୋଲି କୁହାଯାଏ। ତେବେ ଏହି ବିରଳ ଦୃଶ୍ୟଟି ସୂର୍ଯ୍ୟାସ୍ତ ସମୟରେ ଦେଖିବାକୁ ମିଳେ। ଏହାର ନିର୍ମାଣଶୈଳୀ ଯୋଗୁଁ ଏପରି ଚମତ୍କାରିତା ଘଟିଥାଏ। ମନ୍ଦିରର ନିର୍ମାଣ ନବମ ଶତାବ୍ଦୀରେ କରାଯାଇଥିଲା। କିମ୍ବଦନ୍ତୀ ରହିଛି, ଗୌତମ ଋଷି ଭୋଳାନାଥଙ୍କୁ ପ୍ରସନ୍ନ କରିବା ପାଇଁ ଏହି ମନ୍ଦିରରେ ତପସ୍ୟା କରିଥିଲେ। ତେବେ ଏହି ମନ୍ଦିର ସମ୍ପର୍କରେ ଆଉ ଏକ ଖାସ୍ କଥା ହେଉଛି, ଶିବଲିଙ୍ଗ ଉପରେ ଚଢ଼ାଯାଉଥିବା ଘିଅ ସ୍ୱତଃପ୍ରବୃତ୍ତ ଭାବେ ମଖନ ହୋଇଯାଏ। ସାଧାରଣତଃ ମଖନରୁ ଘିଅ ହେଉଥିବାବେଳେ ଏଠାରେ ଏହି ବ୍ୟତିକ୍ରମ ଦେଖାଯାଏ।



## ଶାମ୍ବ ଦଶମୀ



**ପୌଷ ଶୁକ୍ଳ ଦଶମୀରେ 'ଶାମ୍ବ ଦଶମୀ' ପାଳନ କରାଯାଏ। ଏହା ହେଉଛି ସୂର୍ଯ୍ୟ ପୂଜାର ପର୍ବ। ନାରୀମାନେ ନିଜ ସନ୍ତାନସନ୍ତତିଙ୍କ ମଙ୍ଗଳ ତଥା ନୀରୋଗ ଜୀବନ କାମନା କରି ଏହି ପର୍ବକୁ ଖୁବ୍ ଭକ୍ତି ଓ ନିଷ୍ଠାର ସହ ପାଳନ କରିଥାନ୍ତି। ଏହିଦିନ ଆକାଶରେ ସୂର୍ଯ୍ୟଙ୍କର ତିନି ସ୍ଥିତିକୁ ଲକ୍ଷ୍ୟ କରି ଘରେ ତିନି ପ୍ରକାର ପୂଜା ଅନୁଷ୍ଠିତ ହୋଇଥାଏ।**

ଅରୁଣୋଦୟ ସମୟରେ ପ୍ରଥମ ଧୂପ କରାଯାଇ ଫଳମୂଳ ଏବଂ ମିଷ୍ଟାନ୍ନ ନୈବେଦ୍ୟ ଲାଗି କରାଯାଏ। ତା'ପରେ ମଧ୍ୟାହ୍ନ ସମୟ ହେଉଛି ଶାମ୍ବ ଦଶମୀର ମୁଖ୍ୟ ଧୂପ। ଏହି ସମୟରେ ଗଇଁଠା, ବିଭିନ୍ନ ପ୍ରକାର ପିଠା, ଅଟକାଳି, ଖେଚୁଡ଼ି, ଘଡ଼ଘଡ଼ା ତିଅଣ ଆଦି ଭୋଗ କରାଯାଏ। ଏହି ଭୋଗକୁ ଛୋଟ ପିଲାଙ୍କୁ ଡାକି ଖାଇବାକୁ ଦିଆଯାଏ। ଶେଷରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା ଶେଷ କରାଯାଏ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ, କୃଷ୍ଣଙ୍କ ପୁତ୍ର ଶାମ୍ବ ଚପଳତା ଯୋଗୁଁ ଶାପଗ୍ରସ୍ତ ହୋଇ କୁଷ୍ଠ ରୋଗାକ୍ରାନ୍ତ ହୋଇଥିଲେ। ଏଥିରୁ ମୁକ୍ତିପାଇବା ପାଇଁ ସେ ସୂର୍ଯ୍ୟଦେବଙ୍କୁ କଠିନ ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ସୂର୍ଯ୍ୟ ଦେବ ପ୍ରସନ୍ନ ହୋଇ ତାଙ୍କୁ କୁଷ୍ଠ ରୋଗରୁ ଆରୋଗ୍ୟ କରିଥିବା କୁହାଯାଏ। ତେବେ ଯେଉଁଦିନଠାରୁ ଶାମ୍ବଙ୍କର କୁଷ୍ଠ ରୋଗ ଭଲ ହୋଇଥିଲା, ତାହା ଥିଲା ଶାମ୍ବ ଦଶମୀ ତିଥି। ଶାମ୍ବ କୋଣାର୍କ ନିକଟରେ ସୂର୍ଯ୍ୟଙ୍କ ଉପାସନା କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ଅନ୍ୟପକ୍ଷରେ ଚିତାଲାଗି ଅମାବାସ୍ୟାଠାରୁ ଓଡ଼ିଆ ଘରେ ଚାଲିଥିବା ଓଷାବ୍ରତର ପ୍ରାବଲ୍ୟତା ଶାମ୍ବଦଶମୀରେ ହିଁ ଶେଷ ହୋଇଥାଏ। ଅନ୍ୟପଟେ ଏହିଦିନ ସକାଳୁ କୋଣାର୍କ ନିକଟ ଚନ୍ଦ୍ରଭାଗା କୂଳରେ ଲୋକମାନେ ସୂର୍ଯ୍ୟ ଉପାସନା କରିଥାନ୍ତି। କୋଣାର୍କରେ ସୌର ରଥ ପରିକ୍ରମା କରିଥାଏ।

## ଗାଈ ଦିଏ ଶୁଭ ସଙ୍କେତ

**ସନାତନ ଧର୍ମରେ ଗାଈର ବିଶେଷ ମହତ୍ତ୍ୱ ଅଛି। ହିନ୍ଦୁ ପରମ୍ପରା ଅନୁସାରେ ,ଗୋମାତାଙ୍କ ପୂଜାର୍ଚ୍ଚନା କରାଯାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଗାଈ ମଧ୍ୟ ବିଭିନ୍ନ ପ୍ରକାର ସଙ୍କେତ ଦେଇଥାଏ। ଗାଈ ଜଣାଉଥିବା ସଙ୍କେତକୁ ଜ୍ୟୋତିଷ ଶାସ୍ତ୍ରରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ତେବେ ଗାଈର କେଉଁ ଶୁଭ ସଙ୍କେତ ଦ୍ୱାରା ଜୀବନରେ କେଉଁ ସୂଚନା ମିଳିଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଅଚାନକ ଘର ଭିତରକୁ ଗାଈ ପ୍ରବେଶ କଲେ ଏହା ଖୁବ୍ ଶୁଭ ହୋଇଥାଏ। ଏହାଦ୍ୱାରା ଜୀବନରୁ ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ସକାରାତ୍ମକ ଶକ୍ତି ସଂଚାର ହୁଏ। ଏହି କାରଣ ଯୋଗୁଁ ଗାଈ ଘର ଭିତରକୁ ଆସିବା ଅତ୍ୟନ୍ତ ଶୁଭଦାୟକ।
- ସେହିପରି କୌଣସି କାମରେ ଘରୁ ବାହାରିବା ସମୟରେ ଗାଈର ଦର୍ଶନ ହେଲେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ। ଏହା ସହ ଅଟକି ରହିଥିବା କାମ ପୂରଣ ହୁଏ। କାରଣ ଗାଈକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ।
- ଶାସ୍ତ୍ର ଅନୁସାରେ, ଗାଈକୁ ଖାଇବାକୁ ଦେବା ଦ୍ୱାରା ଦିବ୍ୟ ଶକ୍ତି ଲାଭ ହୁଏ। ଗାଈକୁ ରୁଟି ସହିତ ଗୁଡ଼ ଖାଇବାକୁ ଦେଲେ ଖୁବ୍ ଶୁଭ ଫଳ ପ୍ରାପ୍ତ ହୁଏ।

## ସ୍ୱସ୍ତି



## ସ୍ନାନ ଓ ଦାନର ପର୍ବ ମକର ସଂକ୍ରାନ୍ତି

**ସୂର୍ଯ୍ୟଦେବତାଙ୍କ ଉପାସନାର ପର୍ବ ମକର ସଂକ୍ରାନ୍ତି। ସେ ସକଳ ଶକ୍ତିର ଆଧାର। ସୂର୍ଯ୍ୟ ମକର ସଂକ୍ରାନ୍ତି ଦିନ ପୃଥିବୀର ଅତି ନିକଟତର ହୋଇଥାନ୍ତି। ଏହିଦିନ ସେ ତାଙ୍କ କିରଣର ପୂର୍ଣ୍ଣ ପ୍ରଭାବ ସମସ୍ତ ପ୍ରାଣୀଙ୍କ ଉପରେ ବିଚ୍ଛୁରିତ କରିଥାନ୍ତି।**



**ଉତ୍ତରାୟଣ ଆରମ୍ଭ:** ସନାତନ ଧର୍ମ ଅନୁସାରେ, ଏହିଦିନ ସୂର୍ଯ୍ୟଦେବ ଦକ୍ଷିଣାୟନରୁ ଉତ୍ତରାୟଣକୁ ଗତି କରିଥାନ୍ତି। ଶାସ୍ତ୍ରରେ ଉତ୍ତରାୟଣ ଅବଧିକୁ ଦେବତାଙ୍କ ଦିନ ଏବଂ ଦକ୍ଷିଣାୟନକୁ ରାତ୍ରି ଭାବେ ବିବେଚନା କରାଯାଇଛି। ସେଥିପାଇଁ ଏହିଦିନ ସ୍ନାନ, ଦାନ, ତପର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ରାଶି, ଖେଚୁଡ଼ି, ଘିଅ, ଉଲ୍ ବସ୍ତ୍ର, କମ୍ବଳ ଆଦି ଦାନ ଦେବାର ପରମ୍ପରା ପ୍ରଚଳିତ।

**ପର୍ବର ମାହାତ୍ମ୍ୟ:** କୁହାଯାଏ, ମକର ସଂକ୍ରାନ୍ତି ଅବସରରେ ବ୍ରହ୍ମମୁହୂର୍ତ୍ତରେ ପବିତ୍ର ନଦୀରେ ସ୍ନାନ ଓ ଦାନ କରିବାର ବେଶି ମହତ୍ତ୍ୱ ଅଛି। ଏହି ଅବସରରେ ନଦୀ ସ୍ନାନ ସମ୍ଭବ ନ ଥିଲେ, ଘରେ ପାଣିରେ ଗଙ୍ଗାଜଳ ମିଶାଇ ସ୍ନାନ କରିପାରିବେ। ଏହିଦିନ ରାଶି ତେଲ ଲଗାଇବା, ରାଶି ତେଲରେ ଯଜ୍ଞ, ରାଶି ଦାନ ଓ ରାଶି ଖିଆଯାଏ। ଶୀତର ପ୍ରକୋପ ବଳବତ୍ତର ଥିବା ହେତୁ ଏହିଦିନ ଖେଚୁଡ଼ି ଓ ରାଶି ଲଡ୍ଡୁ ସହ ଶୀତବସ୍ତ୍ର ଦାନ କରିବାର ବିଧାନ ଅଛି।

**ଶୁଭ ପରିବର୍ତ୍ତନର ସଙ୍କେତ:** କଥାରେ ଅଛି 'ମକର ଦିନ ହୁଏ ବକର'। ଅର୍ଥାତ୍ ଏହିଦିନ ସୂର୍ଯ୍ୟଦେବ ଧନୁ ରାଶିରୁ ମକର ରାଶିକୁ ପ୍ରବେଶ କରିଥାନ୍ତି। ଫଳରେ ଏହିଦିନଠାରୁ ରାତ୍ରିର ଅବଧି କମ୍ ହୋଇ ଦିନ ବଡ଼ ହୋଇଥାଏ। ସେହିପରି ସୂର୍ଯ୍ୟଦେବ ଶକ୍ତିର ପ୍ରତ୍ୟକ୍ଷ ସ୍ରୋତ ହୋଇଥିବାରୁ ସୂର୍ଯ୍ୟଙ୍କ କିରଣ ଅଧିକ ସମୟ ପର୍ଯ୍ୟନ୍ତ ପଡ଼ିବାରୁ ବିସ୍ତାରିତ ହୁଏ ଲୋକଙ୍କ ଚେତନା।

**ମକର ଚାଉଳ:** ମକର ସଂକ୍ରାନ୍ତି ଅବସରରେ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ମକର ଚାଉଳ ପ୍ରସ୍ତୁତ ହୋଇଥାଏ। ସେଥିପାଇଁ ଦିନକ ପୂର୍ବରୁ ଚାଉଳକୁ ପାଣିରେ ବତୁରାଇ ରଖାଯାଏ। ତା'ପରଦିନ ତାହାକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରାଯାଏ। ସେଥିରେ ନଡ଼ିଆ କୋରା, ଗୁଡ଼, ଆଖୁ ଖଣ୍ଡ, ଛେନା, ଗୋଲମରିଚ ଗୁଣ୍ଡ, ଅଦା ପକାଯାଇ ପ୍ରସ୍ତୁତ କରାଯାଏ ମକର ଚାଉଳ। ପ୍ରଥମେ ଏହାକୁ ଠାକୁରଙ୍କ ପାଖରେ ଭୋଗ କରାଯାଏ। ତା'ପରେ ଏହାକୁ ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଏ। ଏଥିରେ କାଜୁ, କିସ୍‌ମିସ୍ ସମେତ ବିଭିନ୍ନ ଫଳ ମଧ୍ୟ ମିଶାଯାଏ। ଏହି ଦିନରେ ପରସ୍ପରକୁ ମକର ଚାଉଳ ଖୁଆଇ 'ମକର' ବା ସଙ୍ଗାତ ବସିବାରେ ପରମ୍ପରା ଓଡ଼ିଶାରେ କାହିଁ କେବେଠୁ ଚଳି ଆସିଛି।

## ପବିତ୍ର ଚନ୍ଦନ ମାଳା

ହିନ୍ଦୁ ଧର୍ମରେ ଚନ୍ଦନକୁ ପବିତ୍ର ବୋଲି କୁହାଯାଇଛି। ସେଥିପାଇଁ ପୂଜା-ପାଠ ସମୟରେ ଚନ୍ଦନ ତିଳକ ଲଗାଯାଏ। ଗୋଟିଏ ପଟେ ଚନ୍ଦନ ସୁଗନ୍ଧ ଓ ଶୀତଳତା ପ୍ରଦାନ କରୁଥିବା ବେଳେ ଚନ୍ଦନ ମାଳା ମନ୍ତ୍ର ଜପ ପାଇଁ ମଧ୍ୟ ବ୍ୟବହାର କରାଯାଏ। ଏହି ମାଳାକୁ ଧାରଣ କରିବା ଅତ୍ୟନ୍ତ ଶୁଭ ଓ ପବିତ୍ର। ଏହାକୁ ପିନ୍ଧିବା ଦ୍ୱାରା ଧନଲାଭର ବାଟ ଫିଟିଥାଏ।

- ନାଲି ଓ ଧଳା ଦୁଇ ପ୍ରକାର ଚନ୍ଦନ ମାଳ ରହିଛି। ରକ୍ତ ବା ଲାଲ୍ ଚନ୍ଦନ ମାଳା ମା' ଦୁର୍ଗା, ଭଗବାନ ଗଣେଶ, ମା' ଲକ୍ଷ୍ମୀ ଓ ମା' ତ୍ରିପୁରା ସୁନ୍ଦରୀ ମନ୍ତ୍ରର ଜପ କରାଯାଏ। ଶ୍ୱେତ ବା ଧଳା ଚନ୍ଦନ ମାଳା ଭଗବାନ ବିଷ୍ଣୁ, ଶ୍ରୀରାମ, କୃଷ୍ଣ ଏବଂ ଦତ୍ତାତ୍ରେୟଙ୍କ ମନ୍ତ୍ର ଜପ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ।
- ଶ୍ୱେତ ଚନ୍ଦନ ମାଳାକୁ ଧାରଣ କରିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ। ତେବେ ଅର୍ଥ ସଙ୍କଟ ଦେଇ ଗତି କରୁଥିଲେ ମା' ଲକ୍ଷ୍ମୀଙ୍କ ନାମ ଉଚ୍ଚାରଣ ପୂର୍ବକ ରକ୍ତ ଚନ୍ଦନ ମାଳା ଜପ କରିବା ଉତ୍ତମ। ସେହିପରି ଚନ୍ଦନ ମାଳା ଧାରଣ କରିବାର ଶୁଭଦିନ ହେଉଛି ଗୁରୁବାର।

## ଗୀତାବାଣୀ

**ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ।
ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥ ୨୭ ॥**



ଅନ୍ୟ କେତେକ ଯୋଗୀ ଇନ୍ଦ୍ରିୟମାନଙ୍କର ଓ ପ୍ରାଣମାନଙ୍କର କ୍ରିୟାଗୁଡ଼ିକୁ ଜ୍ଞାନରୁ ପ୍ରକାଶିତ ଆତ୍ମସଂଯମଯୋଗ (ସମାଧିଯୋଗ) ରୂପକ ଅଗ୍ନିରେ ଆହୁତି ପ୍ରଦାନ କରନ୍ତି।

(ଚତୁର୍ଥୋଽଧ୍ୟାୟ – ଶ୍ଳୋକ - ୨୭)

